ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.120 Bhubaneswar Thursday, June 24, 2021 | ୨୪ତମ ବର୍ଷ ସଂଖ୍ୟା–୧୨୦ ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୪, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ଦଶାହ ଉପଲକ୍ଷେ



## ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

## ୰ ସରୋଜିନୀ ମହାପାତ୍ର

କ୍ରିଦାସପୁର, ନୟାଗଡ଼

ତିରୋଧାନ : ୧୫.୦୬.୨୦୨୧

ତୁମର ଆଦର୍ଶ, ସରଳତା, କର୍ମନିଷ୍ଠା, ସ୍ନେହ ଓ ଭଲ ପାଇବା ତଥା ପରକୁ ଆପଣେଇବା ଆମ ସମସ୍ତଙ୍କ ପାଇଁ ଅମର ହୋଇ ରହିବ। ଅନେକ ସ୍ମୃତି... ଅଶ୍ରୁଳ, ତୁମର ପ୍ରତିଟି କାର୍ଯ୍ୟ ଓ ଦାୟିତ୍ୱ ପାଇଁ ତୁମେ ଥିଲାବେଳେ ତୁମର ଆବଶ୍ୟକତା ଆମ ପାଇଁ କେତେ ଗୁରୁତ୍ୱ ଥିଲା ତାହା ଆଜି ହିଁ ଅନୁଭବ କରୁଛୁ। ତୁମର ଅମର ଆତ୍ମାର ଚିର ଶାନ୍ତି ଓ ସଦ୍‌ଗତି ଲାଭ କରୁ ପ୍ରଭୁ ଜଗନ୍ନାଥଙ୍କ ଠାରେ ଭକ୍ତିପୂତ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ : ଦିଅର–ଡାଃ ଜ୍ଞାନେନ୍ଦ୍ର ମହପାତ୍ର, ଭାଇ: ଯୁଧିଷ୍ଠିର, ନିରଞ୍ଜନ, ଗୋବର୍ଦ୍ଧନ ପାଢ଼ୀ, ଯା : ସଂଯୁକ୍ତା, ନଣନ୍ଦ : ହାର, ବିନ୍ଦୁ , ଝିଅ : ଜ୍ୟୋତ୍ସ୍ନା, ରୀନା, ଟିକିନା, ଅଞ୍ଜନା, କବିତା, ହେନା, ଲୁସି, ମୈତ୍ରୀ, ଜ୍ୱାଇଁ : କୁଞ୍ଜ, ରବି, ଚକ୍ରଧର, ପବିତ୍ର, ଟିକିନା, ଭଣଜା: ଶରତ, ପ୍ରଫୁଲ୍ଲ, ପାପୁ, ଦୀପୁ, ଭାଣେଜି: ବେବି, ଗୀତା, ଲତା, ଟୁସି, ପୁଚ୍‌କି, ଅରୁ, ପୁତୁରା : ଜୁଜୁ, କାଲୁ, ବାବୁଲି, କାଳିଆ, ଭାଲୁ,ମୁନା, ଲୁନା, ପିନା, ପୁତୁରା ବୋହୂ: ଟିକିନା, କାବୁଲି, ପ୍ରତିମା,ମିତା, ମିନି, ନମିତା, ଲିକୁ, ସୁନିତା, ରୋମି, ଝିଆରି : ମଞ୍ଜୁ, କ୍ଲେମି, ମିନା, ବେଲ, ରୀତା, ଝିଆରୀ ଜ୍ୱାଇଁ : ଚିତ୍ତ, ଟୁଲୁ, ମନୋଜ, ରାଜୁ, ନାତି ନାତୁଣୀ: ରୀଚା, ପିଙ୍କି, କାହ୍ନା, ଗୁଡ଼ଲି, ଶ୍ୟାମ, କୁମାର, ଓସିନ, ସାନୁ, ଲିପୁ, ମୁନ୍,ମାହି, ଚିନୁ, ଇଶା, ଦିଶା, ନାତୁଣି ଜ୍ୱାଇଁ : ଟିକୁ, ଅବିନାଶ, ସ୍ମୃତି, ସବ୍ୟ, ଅନୁସ, ପ୍ରେମୁ, ନିର୍ଲିପ୍ତ, ଅଣନାତି : କୁନୁ, ଆୟୁଷ,ଶକ୍ତି

ବନ୍ଧୁ, ପରିବାରବର୍ଗ, କ୍ରିଦାସପୁର ଗ୍ରାମବାସୀ, ଆତ୍ମିୟସ୍ୱଜନମାନଙ୍କ ସହ 'ପର୍ଯ୍ୟବେକ୍ଷକ', 'ଦି କଳିଙ୍ଗ କ୍ରୋନିକିଲ' ପରିବାର

## ସ୍ୱର୍ଗତଃ ସରୋଜିନୀ ମହାପାତ୍ରଙ୍କ ସ୍ମୃତିରେ...



ଘରର ମୁରବି ଶ୍ରୀମତୀ ସରୋଜିନୀ ମହାପାତ୍ର



ଝିଅ–ବୋହୂମାନଙ୍କ ଗହଣରେ...



ପରିବାରବର୍ଗଙ୍କ ଗହଣରେ...



ଚିର ନିଦ୍ରାରେ...





ସତ୍ୟନଗର ଶ୍ମଶାନରେ ଭୁବନେଶ୍ୱର ମଧ୍ୟମ ବିଧାୟକ, ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନାଙ୍କ ଶ୍ରଦ୍ଧାଞ୍ଜଳି ଜ୍ଞାପନ



ନିଜ ଗ୍ରାରେ ପୁତୁରା ମୁକେଶ, ଦେବାଶିଷ କ୍ରିୟା କର୍ମ କରିବା ଅବସରରେ

### ୰ ଗଙ୍ଗା



ମହାଶୟା/ମହାଶୟ,

ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥି ମଙ୍ଗଳବାର ଇଂରାଜୀ ତା୧୫.୦୬.୨୦୨୧ରିଖ ଆମ୍ଭର ପୂଜନୀୟା ମାତା ସରୋଜିନୀ ମହାପାତ୍ର ୭୪ ବର୍ଷ ବୟସରେ ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଦେଇ ଇହଲୀଳା ସମ୍ବରଣ କଲେ। ଏହା ଲେଖିବାକୁ ପରମେଶ୍ୱରଙ୍କ ନିର୍ଦ୍ଦେଶ ଥିଲା।

ଏଣୁ ବିନୀତ ଅନୁରୋଧ ଆପଣ ଉକ୍ତ ଅନ୍ତେଷ୍ଟିକ୍ରିୟାରେ ଯୋଗଦାନ କରି ସ୍ୱର୍ଗୀୟା ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିବା ହେବେ।

॥ ଇତି ॥

ହତଭାଗିନୀ ଝିଅ

ଜ୍ୟୋତ୍ସ୍ନା, ରିନା, କବିତା, ଯଶୋଧାରା, ଅଞ୍ଜନୀ,
ହେନା, ଲୁସି, ମୈତ୍ରୀ,

ସୌଜନ୍ୟ: ଡା.ଜ୍ଞାନେନ୍ଦ୍ର ମହାପାତ୍ର, କୁଞ୍ଜ, ରବି, ଚକ୍ରଧର, ପବିତ୍ର, ଟିକିନା, ଜୁଜୁ, କାଲୁ, ବାବୁଲି, କାଳିଆ, ଭାଲୁ, ମୁନା, ଲୁନା ଓ ପିନା

**କାର୍ଯ୍ୟସୂଚୀ**

ତା ୨୪.୦୬.୨୦୨୧ ରିଖ ଗୁରୁବାର - ଦଶାହ କ୍ରିୟା ଓ ପ୍ରସାଦ ସେବନ ଅପରାହ୍ଣ ୧୨.୦୦ ଘଟିକା

ତା ୨୫.୦୬.୨୦୨୧ ରିଖ ଶୁକ୍ରବାର -ଏକାଦଶାହ ଓ ପ୍ରସାଦ ସେବନ ଅପରାହ୍ଣ ୧୨.୦୦ ଘଟିକା

ତା ୨୬.୦୬.୨୦୨୧ରିଖ ଶନିବାର - ଦ୍ୱାଦଶାହ ଓ ନାମସଂକୀର୍ତ୍ତନ

ସ୍ଥାନ - କ୍ରିଦାସପୁର, ନୟାଗଡ଼

(ରାଜ୍ୟସରକାରଙ୍କ ନିର୍ଦ୍ଧାରିତ କୋଭିଡ଼ ନିର୍ଦ୍ଦେଶାବଳୀ ଅନୁସାରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହେବ।)








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବି୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି ।ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ ।ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଷ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯଷ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଷ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଷ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଷ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଷ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଷ୍ୟଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ପାଣି ପାଇଁ ବିବାଦ : ବିଶ୍ୱ ଦୃଶ୍ୟପଟ୍ଟ



ସହରୀକରଣ, ଖାଦ୍ୟ ଉତ୍ପାଦନର ଚାପ, ଜନସଂଖ୍ୟା ବୃଦ୍ଧି ଏବଂ ନିର୍ମାଣ, ଘରୋଇ ଓ ଶକ୍ତି କ୍ଷେତ୍ରର ବଢୁଥିବା ଚାହିଦା ଯୋଗୁଁ ୨୦୩୦ ବେଳକୁ ବିଶ୍ୱ ୪୦ ପ୍ରତିଶତ ଜଳ ସଙ୍କଟର ସମ୍ମୁଖୀନ ହେବ। ବିଶ୍ୱ ଜଳ ଦିବସରେ ଜାତିସଂଘ ଏହି ଚେତାବନୀ ଦେଇଛି। ଜାତିସଂଘ ଜାରି କରିଥିବା ବିଶ୍ୱ ଜଳ ରିପୋର୍ଟ-୨୦୧୬ରେ ଏହି ତଥ୍ୟ ସାମ୍ନାକୁ ଆସିଛି। ବିଶ୍ୱରେ ଜଳ ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ଜଳ ରହିଛି। କିନ୍ତୁ ଜଳ ବ୍ୟବହାରରେ ପରିବର୍ତ୍ତନ ବିନା ଏହା ସମ୍ଭବ ନୁହେଁ ବୋଲି ଜାତିସଂଘର ବାର୍ଷିକ ବିଶ୍ୱ ଜଳ ବିକାଶ ରିପୋର୍ଟ କହିଛି। ଜଳର ସଠିକ ମାନ ନିର୍ଦ୍ଧାରଣ, ତଦାରଖ ଓ କାର୍ଯ୍ୟକାରୀ କରାନଗଲେ ଜଳାଭାବକୁ ରୋକାଯାଇ ପାରିବନାହିଁ। ରିପୋର୍ଟ ଅନୁସାରେ, ଜଳ ସଙ୍କଟର ସବୁଠୁ ବଡ଼ କାରଣ ସାଜିଛି ଜନସଂଖ୍ୟା ବୃଦ୍ଧି। ବିଶ୍ୱଜନସଂଖ୍ୟା ବର୍ତ୍ତମାନ ୭ଶହ କୋଟିରୁ ଅଧିକ ଥିବାବେଳେ ପ୍ରତିବର୍ଷ ହାରାହାରି ୮ କୋଟି ହିସାବରେ ଏହି ହାର ବଢ଼ିଚାଲିଛି। ଏପରି ହେଲେ ୨୦୫୦ ବେଳକୁ ଜନସଂଖ୍ୟା ୯ଶହ କୋଟି ଅତିକ୍ରମ କରିବ ବୋଲି ଆଶଙ୍କା କରାଯାଉଛି। ପ୍ରତିଦିନ ୭୪୮ ମିଲିଅନ୍ ଲୋକ ସ୍ୱଚ୍ଛ ପାନୀୟ ଜଳର ଉତ୍ତମ ଓ ସୁରକ୍ଷିତ ସ୍ରୋତ ପାଇବାରେ ଆଜି ବି ବଞ୍ଚିତ। ଗରିବ, ସାଧାରଣ ସାମାଜିକ ସୁବିଧାରୁ ବଞ୍ଚିତ ଏବଂ ମହିଳା ଏଥିରେ ସର୍ବାଧିକ ପ୍ରଭାବିତ। ଭୂତଳ ଜଳ ଭଣ୍ଡାର ହ୍ରାସ ଭାରତ, ଚୀନ, ପାକିସ୍ତାନ, ନେପାଳ, ବାଙ୍ଗଲାଦେଶ ଭଳି ଦେଶ ପାଇଁ ବଡ଼ ସମସ୍ୟା ପାଲଟିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଠିକ୍ ସମୟରେ ବର୍ଷା ହେଉନାହିଁ। ଏସବୁ ଉତ୍କଟ ସମସ୍ୟା ଆଗାମୀ ଦିନରେ ଭୟଙ୍କର ରୂପ ନେବ। ଜଳ ସୃଷ୍ଟି ଆମ ହାତରେ ନାହିଁ, କିନ୍ତୁ ପ୍ରାକୃତିକ ସାଧନଗୁଡ଼ିକୁ ରକ୍ଷା କରିବା ଆମ କର୍ତ୍ତବ୍ୟ। ଜଳ ସଂରକ୍ଷଣ ପାଇଁ ଆବାଳବୃଦ୍ଧବନିତା ଶପଥ ନେଲେ ଏହି ସଙ୍କଟ କେତେକାଂଶରେ ଦୂର କରାଯାଇପାରେ। ସଂପ୍ରତି ସମଗ୍ର ବିଶ୍ୱରେ ଉତ୍କଟ ଜଳାଭାବ ଦେଖିବା ସହ ସେହିକ୍ରମରେ ଜଳ ପ୍ରଦୂଷଣ ଦେଖାଯାଉଛି ଇଆଡ଼େ ଅବିଚାରିତ ଭାବେ ଜଳ ନଷ୍ଟ ହେଉଥିଲେ ମଧ୍ୟ ଆମ ମାନଙ୍କ ଭିତରେ ସେତେଟା ସଚେତନ ବଢ଼ିନାହିଁ। ବ୍ୟାପକ ବୃକ୍ଷରୋପଣ ଓ ଜଳ ସୁରକ୍ଷା ପାଇଁ ଆମ ମାନଙ୍କ ଭିତରେ ସଚେତନତା ବଢ଼ିଲେ ବିଶ୍ୱ ଜଳ ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟ ଯଥାର୍ଥ ପ୍ରତିପାଦିତ ହୁଅନ୍ତା। ଆସନ୍ତୁ ଆଜି ବିଶ୍ୱଜଳ ଦିବସର ଅବସରରେ ପ୍ରାକୃତିକ ଜଳ ଉତ୍ସକୁ ସୁରକ୍ଷିତ ରଖିବା ସହ ଜଳ ସଂରକ୍ଷଣ ଓ ଆବଶ୍ୟକତାକୁ ଦେଖି ଜଳ ବ୍ୟବହାର ସହ ଜଳ ପ୍ରଦୂଷଣ ପାଇଁ କିପରି ଆମେମାନେ ବ୍ୟକ୍ତିଗତ ଉଦ୍ୟମରେ ବା ଗୋଷ୍ଠୀଗତ ଭାବରେ କିଛି କାର୍ଯ୍ୟକ୍ରମ ହାତକୁ ନେବା ଏହାଦ୍ୱାରା ଭଗବାନଙ୍କ ପ୍ରଦତ୍ତ ଅମୂଲ୍ୟ ଜଳ ମାନବ ଜୀବନ ପାଇଁ ଗୁରୁତ୍ୱ ପ୍ରତିପାଦିତ ହୋଇପାରନ୍ତା।

ମିଳିତ ଜାତିସଂଘ ପକ୍ଷରୁ ବିଶ୍ୱ ଜଳ ଦିବସ ଅବସରରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଦୁନିଆରେ ୮୨ କୋଟି ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳୁନି। ମନୁଷ୍ୟ ବଞ୍ଚି ରହିବା ପାଇଁ ମୌଳିକ ଆବଶ୍ୟକତା ମଧ୍ୟରେ ଜଳ ସାମିଲ। ଜଳ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଥିବାରୁ ଆଶଙ୍କା କରାଯାଉଛି ଆଗାମୀ ବିଶ୍ୱଯୁଦ୍ଧ ବୋଧେ ଜଳ ପାଇଁ ହେବ। ଏହି ଆଶଙ୍କା ସତ ହେବାର ଅନେକ କାରଣ ବି ଅଛି। ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି, ୨୦୨୫ ମସିହା ସୁଦ୍ଧା ଦୁନିଆର ଦୁଇ-ତୃତୀୟାଂଶ ଦେଶରେ ପାଣିର ଉତ୍କଟ ଅଭାବ ଦେଖାଯିବ। ଏକ୍ଷେତ୍ରରେ ଯୁଦ୍ଧର ବିପଦ ଏସିଆ ମହାଦେଶରେ ସବୁଠାରୁ ଅଧିକ। କାରଣ ନଦୀ ଜଳ ବଣ୍ଟନକୁ ନେଇ ଭାରତର ତିନି ପଡ଼ୋଶୀ ଦେଶ ପାକିସ୍ତାନ, ଚୀନ ଓ ବାଙ୍ଗଲାଦେଶ ସହ ବିବାଦ ଅଛି।

**ଭାରତ-ପାକିସ୍ତାନ:** ଭାରତ ଓ ପାକିସ୍ତାନ ମଧ୍ୟରେ ବହୁଥିବା ସିନ୍ଧୁ, ଚେନାବ, ରାବି, ଝେଲମ ଓ ସତଲେଜ ନଦୀର ଜଳ ବଣ୍ଟନକୁ ନେଇ ଦୁଇ ଦେଶ ମଧ୍ୟରେ ଅସନ୍ତୋଷ ଅଛି। ପାକିସ୍ତାନ ସବୁବେଳେ ଅଭିଯୋଗ କରୁଛି ଭାରତର ଅବୈଧ ଭାବରେ ଜାମ୍ମୁ-କାଶ୍ମୀରରେ ବନ୍ଧ ନିର୍ମାଣ କରି ପାକିସ୍ତାନକୁ ଜଳ ସମ୍ପଦରୁ ବଞ୍ଚିତ କରୁଛି। ପାକିସ୍ତାନ କହୁଛି, ଏହା ଦ୍ୱାରା ଦେଶର ଅର୍ଥବ୍ୟବସ୍ଥାରେ ସଙ୍କଟ ସୃଷ୍ଟି ହେବ ଏବଂ ଏଥିରେ ସମଗ୍ର ଉପମହାଦେଶର ଶାନ୍ତି ବ୍ୟାହତ ହେବ। ଅବଶ୍ୟ ଭାରତ ପାକିସ୍ତାନର ସବୁ ଆରୋପକୁ ଖଣ୍ଡନ କରିଆସୁଛି। ବିଶେଷଜ୍ଞଙ୍କ ମତାନୁଯାୟୀ, ପାଣି ଏମିତି ଏକ ପ୍ରସଙ୍ଗ ଯାହାପାଇଁ ଦୁଇ ଦେଶ ମଧ୍ୟ ସଂଘର୍ଷ ହୋଇପାରେ। ସୂଚନାଯୋଗ୍ୟ ଦୁଇ ଦେଶ ମଧ୍ୟରେ ଆଜି ପର୍ଯ୍ୟନ୍ତ ତିନୋଟି ଯୁଦ୍ଧ ହୋଇସାରିଲାଣି। ୧୯୬୦ରେ ଭାରତ-ପାକିସ୍ତାନ ମଧ୍ୟରେ ସିନ୍ଧୁ ନଦୀ ଜଳ ସନ୍ଧି ହୋଇଥିଲା। ଏହି ବୁଝାମଣା ଅନୁଯାୟୀ ଭାରତ କୌଣସି ପରିସ୍ଥିତିରେ ମଧ୍ୟ ସିନ୍ଧୁ ନଦୀର ଗତିପଥ ବଦଳାଇବ ନାହିଁ। କାରଣ ସିନ୍ଧୁ ନଦୀର ଉତ୍ପତ୍ତି ଭାରତରୁ କିନ୍ତୁ ଏହାର ମୁଖ୍ୟ ଭାଗ ପ୍ରବାହିତ ହେଉଛି ପାକିସ୍ତାନରେ। ପାକିସ୍ତାନରେ ଏହା ଜୀବନଧାରା। ଯଦି ଭାରତ ଏହାର ଗତିପଥ ରୋକିଦିଏ ବା ବଦଳାଇ ଦିଏ ତେବେ ଅର୍ଦ୍ଧେକ ପାକିସ୍ତାନରେ ମରୁଡ଼ି ପରିସ୍ଥିତି ପଡ଼ିଯିବ। ଅବଶ୍ୟ ଭାରତ ଏ ପର୍ଯ୍ୟନ୍ତ ଏହି ସନ୍ଧି ଉଲ୍ଲଂଘନ କରିନାହିଁ।

**ଭାରତ-ଚୀନ:** ବ୍ରହ୍ମପୁର ନଦୀ ଜଳକୁ ନେଇ ଭାରତ-ଚୀନ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଚୀନ ଆସାମ ନିକଟରେ ବ୍ରହ୍ମପୁତ୍ର ନଦୀ ଉପରେ ବନ୍ଧ ନିର୍ମାଣ କରୁଛି। ଏହାଦ୍ୱାରା ଭବିଷ୍ୟତରେ ବ୍ରହ୍ମପୁତ୍ର ଶୁଖିଯିବାର ବିପଦ ଅଛି। ଆଗକୁ ଏହାର ଜଳ ବଣ୍ଟନକୁ ନେଇ ଦୁଇ ଦେଶ ମଧ୍ୟରେ ବିବାଦ ମଧ୍ୟ ହୋଇପାରେ। ଚୀନ ବ୍ରହ୍ମପୁତ୍ର ଉପରେ ତିନୋଟି ବନ୍ଧ ନିର୍ମାଣ କରୁଛି। ଏଥିରୁ ଏହା ବିଦ୍ୟୁତ୍ ଉତ୍ପାଦନ କରିବାକୁ ଚାହୁଁଛି। ମାତ୍ର ସବୁଠାରୁ ବଡ଼ ସମସ୍ୟା ହେଉଛି ଏହି ବନ୍ଧ ନିର୍ମାଣ ଦ୍ୱାରା କେବଳ ଭାରତରେ ନୁହେଁ ବାଙ୍ଗଲାଦେଶ ଓ ଭୁଟାନରେ ମଧ୍ୟ ବନ୍ୟାର ଆଶଙ୍କା ବଢ଼ିଯିବ। ଚୀନ ବ୍ରହ୍ମପୁତ୍ରର ପ୍ରବାହ ପଥ ବଦଳାଇଲେ ବାଙ୍ଗଲାଦେଶରେ ବନ୍ୟା ପରିସ୍ଥିତି ଉତ୍କଟ ହୋଇଯିବ। ଏବେ ଭାରତ ଓ ଚୀନ ମଧ୍ୟରେ ବ୍ରହ୍ମପୁତ୍ର ଜଳ ବିଭାଜନକୁ ନେଇ ଆଲୋଚନା ଚାଲିଛି। ମାତ୍ର ଚୀନ ଯେ ଭାରତର କଥା ରଖିବ ତାହା ଜଣାପଡୁନି।



**ଭାରତ-ବାଙ୍ଗଲାଦେଶ:** ପାଣିକୁ ନେଇ ଭାରତ ବାଙ୍ଗଲାଦେଶ ଭିତରେ ବି ଯୁଦ୍ଧ ହୋଇପାରେ। କାରଣ ଗଙ୍ଗାଜଳ ବିଭାଜନକୁ ନେଇ ଦୁଇ ଦେଶ ମଧ୍ୟରେ ଅନେକ ବର୍ଷ ହେବ ବିବାଦ ଅଛି। ପ୍ରତିବର୍ଷ ଦୁଇ ଦେଶର ବରିଷ୍ଠ ଅଧିକାରୀଙ୍କ ବୈଠକ ହେଉଛି କିନ୍ତୁ କିଛି ଠୋସ୍ ପରିଣାମ ନାହିଁ। ୧୯୯୬ରେ ଭାରତ-ବାଙ୍ଗଲାଦେଶ ମଧ୍ୟରେ ଗଙ୍ଗାଜଳ ବଣ୍ଟନକୁ ନେଇ ଏକ ୩୦ ବର୍ଷିଆ ବୁଝାମଣା ହୋଇଥିଲା। ତଥାପି ଦୁଇ ଦେଶ ମଧ୍ୟରେ ଅଶାନ୍ତି ଓ ପାଣି ନେଇ ରାଜନୀତି ଚାଲିଛି। ଏସିଆ ମହାଦେଶ ବ୍ୟତୀତ ଅନ୍ୟ ଦେଶରେ ମଧ୍ୟ ଜଳକୁ ନେଇ ବିବାଦ ଅଛି। ନଦୀ ଜଳକୁ ନେଇ ସେଗୁଡ଼ିକ ମଧ୍ୟରେ ବି ଯୁଦ୍ଧ ହୋଇପାରେ।

**ଆଫ୍ରିକା:** ଆଫ୍ରିକା ମହାଦେଶରେ ଇଜିପ୍ଟ-ୟୁଥୋପିଆ-ସୁଦାନ ମଧ୍ୟରେ ନଦୀକୁ ନେଇ ବିବାଦ ଅନେକ ବର୍ଷ ଧରି ଚାଲିଛି। ତିନୋଟି ଯାକ ଦେଶ ଦେଇ ନୀଳ ନଦୀ ପ୍ରବାହିତ ହେଉଛି। ଏହି ନଦୀର ଜଳ ବଣ୍ଟନକୁ ନେଇ ତିନି ଦେଶ ମଧ୍ୟରେ ଅଶାନ୍ତି ବେଳବେଳେ ଚରମସୀମାରେ ପହଞ୍ଚିଯାଉଛି।

**ମଧ୍ୟପ୍ରାଚ୍ୟ:** ମଧ୍ୟପ୍ରାଚ୍ୟର ମୁଖ୍ୟ ଦେଶ ଯଥା ଲେବାନନ୍, ସିରିଆ, ଇସ୍ରାଏଲ ଓ ଜୋର୍ଡ଼ାନ ମଧ୍ୟରେ ଅଧିକାଂଶ ସମୟରେ ଜୋର୍ଡ଼ାନ ଓ ୟରମୁଖର ମୁଖ୍ୟ ଶାଖା ନଦୀମାନଙ୍କର ଜଳକୁ ନେଇ ଟଣାଓଟରା ପରିସ୍ଥିତି ଥାଏ। ତେଣୁ ୧୯୮୫ରେ ଜାତିସଂଘ ପୂର୍ବତନ ସେକ୍ରେଟାରୀ ଜେନେରାଲ ବୁଟ୍ରସ୍ ଘାଲି କହିଥିଲେ ମଧ୍ୟପ୍ରାଚ୍ୟରେ ଆଗାମୀ ବଡ଼ ଯୁଦ୍ଧର କାରଣ ରାଜନୀତି ନୁହେଁ ବରଂ ପାଣି ହେବ। ସେମିତି ୨୦୦୧ରେ ଜାତିସଂଘର ପୂର୍ବତନ ମହାସଚିବ କୋଫି ଆନ୍ନାନ୍ କହିଥିଲେ ଭବିଷ୍ୟତରେ ବିଶୁଦ୍ଧ ଜଳର ଅଭାବ ହିଁ ଅନେକ ଯୁଦ୍ଧର ମୂଳ କାରଣ ହେବ। ୧୯୫୦-୬୦ ଦଶକରେ ବିଭିନ୍ନ ଦେଶ ମଧ୍ୟରେ ଜଳ ପାଇଁ ନାନା ପ୍ରକାରର ସଂଘର୍ଷ ହୋଇଥିଲା। ଉଭୟ କୋରିଆ ଏବଂ ଭିଏତ୍ନାମ ଯୁଦ୍ଧରେ ଜଳକୁ ହିଁ ଟାର୍ଗେଟ କରାଯାଇଥିଲା। ଉଭୟ ଯୁଦ୍ଧରେ ଚାଷୀମାନେ ହିଁ ବିବାଦର ମୁଖ୍ୟ କାରଣ ହୋଇଥିଲେ। କାରଣ ଜଳସେଚନ ପାଇଁ ସବୁଠାରୁ ଅଧିକ ଜଳ ଆବଶ୍ୟକ ହୁଏ। ୧୯୫୦-୫୧ରେ ଆମେରିକା ଉତ୍ତର କୋରିଆ ୟାଲୁ ନଦୀରେ ନିର୍ମିତ ହୋଇଥିବା ଜଳଭଣ୍ଡାରଗୁଡ଼ିକ ଉପରେ ଆକ୍ରମଣ କରିଥିଲା। ଉତ୍ତରକୋରିଆ ଆମେରିକାର ଭାସମାନ ନଦୀବନ୍ଧକୁ ନଷ୍ଟ କରିବା ପାଇଁ ହ୍ୱାଚୋନ ନଦୀବନ୍ଧରୁ ଜଳ ଛାଡ଼ି ଦେଇଥିଲା। ଏହାପରେ ଆମେରିକା ଏହି ନଦୀବନ୍ଧ ଉପରେ ବୋମାମାଡ଼ କରିଥିଲା। ୧୯୫୧-୫୩ରେ ଇସ୍ରାଏଲର ଏକ ଜଳ ପ୍ରୋଜେକ୍ଟକୁ ବିରୋଧ କରି ଦୁଇ ଦେଶ ମଧ୍ୟରେ ଗୁଳିମାଡ଼ ହୋଇଥିଲା। ୧୯୮୫ରେ ନୀଳନଦୀରେ ଏକ ଜଳସେଚନ ଯୋଜନାକୁ ବିରୋଧ କରି ଇଜିପ୍ଟ ସୁଦାନକୁ ସୈନିକ ପ୍ରେରଣ କରିଥିଲା। ମନେରଖନ୍ତୁ ଜଳର ଅଭାବ ମାନବ ଜାତି ଆଗରେ ଅସ୍ତିତ୍ୱର ସଙ୍କଟ ସୃଷ୍ଟି କରିବେ। ଜଳ ପାଇଁ ଦୁନିଆର ଅନେକ ରାଷ୍ଟ୍ରର ଅବସ୍ଥା ସଙ୍କଟାପନ୍ନ ହୋଇଛି। ବିଶ୍ୱ ପରିଦୃଶ୍ୟରେ ଦେଖିଲେ ଅନେକ ଚିନ୍ତାଜନକ ଦୃଶ୍ୟ ନଜରକୁ ଆସିବ। ଦୁନିଆରେ ପ୍ରାୟ ୭୮୭ କୋଟି ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳେନି। ପ୍ରାୟ ଅଢ଼େଇ କୋଟି ଲୋକ ନିଜର ଦୈନିକ ଆବଶ୍ୟକତା ପୂରଣ ପାଇଁ ପାଣି ପାଆନ୍ତିନି। ଜଳ ପ୍ରଦୂଷଣ ଯୋଗୁଁ ପ୍ରାୟ ୧୬୦୦ ଜଳଜ ପ୍ରଜାତି ବିଲୁପ୍ତ ହେବାକୁ ବସିଲେଣି। ଦୁନିଆର ୧୦ପ୍ରତିଶତ ଜଳସ୍ରୋତ ଅତ୍ୟଧିକ ଦୋହନ ଯୋଗୁଁ ଖାଲି ହୋଇଗଲାଣି। ଜାତିସଂଘର ପରିସଂଖ୍ୟାନ ଅନୁଯାୟୀ ଦୁନିଆର ୪୩ଟି ଦେଶରେ ୭୦୦ ବିଲିୟନ ଜନତା ଜଳାଭାବରେ ପୀଡ଼ିତ। ଆସନ୍ତୁ ବିଶ୍ୱ ଜଳଦିବସ ଅବସରରେ ଜଳ ସଂରକ୍ଷଣ ପାଇଁ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନତାର ବାର୍ତ୍ତା ଦେଖାଇବା।

**ଡଃ. ଅରୁନ୍ଧତୀ ଦେବୀ,**
**ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର,**
**ଦୂରଭାଷ : ୯୯୩୭୧୭୨୮୧୦**

# କରୋନା ସମୟରେ ଓଡିଶାରେ ଆରଏସ୍ଏସ୍ ଦ୍ୱାରା ୩୦୬୨ ସ୍ଥାନରେ ସେବାକାର୍ଯ୍ୟ




ଭୁବନେଶ୍ୱର (ପିଏନ୍): କରୋନା ସମୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ତରଫରୁ ସ୍ୱୟଂସେବକମାନେ ସେବା ଭାରତୀ ତତ୍ତ୍ୱାବଧାନରେ ଏବଂ ଉତ୍କଳ ବିପନ୍ନ ସହାୟତା ସମିତି ମାଧ୍ୟମରେ ରାଜ୍ୟର ୩୦୬୨ ସ୍ଥାନରେ ସେବାକାର୍ଯ୍ୟ କରିଥିଲେ । ଏହି ସେବାକାର୍ଯ୍ୟରେ ୭୭୪୯ କାର୍ଯ୍ୟକର୍ତା ସାମିଲ ଥିଲେ । ସ୍ୱୟଂସେବକମାନଙ୍କ ଦ୍ୱାରା ୩୨,୯୬୭ ରାସନ କିଟ୍, ୧,୮୨,୮୧୫ ଲୋକଙ୍କୁ ଖାଦ୍ୟ ପ୍ୟାକେଟ୍, ୧,୯୦,୩୦୫ମାସ୍କ ବଂଟନ କରାଯାଇଥିଲା । ୧୨୭ ଷ୍ଟେ ହୋମରେ ସହାୟତା, ୨୦,୫୦୪ ପ୍ରବାସୀଙ୍କୁ ସହୟତା, ୭୪୪ ୟୁନିଟ ରକ୍ତଦାନ, ୯୨,୬୦୦ ଜଣଙ୍କୁ କାଢା ବିତାରଣ କରାଯାଇଥିଲା । ୧୩୯୫ ଯାଜାବର ଲୋକଙ୍କୁ ସହାୟତା, ୨୧ଟି ଭୋଜନ ବିତରଣ କେନ୍ଦ୍ର ମାଧ୍ୟମରେ ୨୬,୯୮୩ ମଜଦୁରୁଙ୍କୁ ସହାୟତା, ୨୪ ଟି କେନ୍ଦ୍ର ମାଧ୍ୟମରେ ୧୭,୨୬୬ ଜଣ ବସ୍ ଓ ରେଳ ଯାତ୍ରୀମାନଙ୍କୁ ସହାୟତା ପ୍ରଦାନ କରାଯାଇଛି । ସେହିପରି ସାରା ଭାରତ ବର୍ଷରେ ସେବା ଭାରତୀ ମାଧ୍ୟମରେ ଦେଶର ୯୨,୬୫୬ ସ୍ଥାନରେ ସେବା କାର୍ଯ୍ୟ ହୋଇଥିଲା । ଯେଉଁଥିରେ ୫,୬୦,୦୦୦ କାର୍ଯ୍ୟକର୍ତା ସକ୍ରିୟ ଥିଲେ, ୭୩ ଲକ୍ଷ ରାସନ କିଟ୍ ବଂଟନ କରାଯାଇଥିଲା, ୪.୫ କୋଟି ଲୋକଙ୍କୁ ଖାଦ୍ୟ ପ୍ୟାକେଟ୍ ବଂଟନ କରାଯାଇଥିଲା,୯୦ ଲକ୍ଷ ମାସ୍କ ବଂଟନ କରାଯାଇଥିଲା, ୨୦ ଲକ୍ଷ ପ୍ରବାସୀମାନଙ୍କୁ ସହାୟତା ପ୍ରଦାନ କରାଯାଇଥିଲା । ୨.୫ ଲକ୍ଷ ଯାଜାବର ଲୋକଙ୍କୁ ସହାୟତା ପ୍ରଦାନ କରାଯାଇଥିଲା । ସ୍ୱୟଂସେବକମାନେ ୬୦ ହଜାର ୟୁନିଟ ରକ୍ତଦାନ କରିଥିଲେ ବୋଲି ଆରଏସ୍ଏସ୍ ଓଡିଶା ତରଫରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି ।

ଆଉ ମଧ୍ୟ ସୂଚନା ଦିଆଯାଇଛି ଯେ, ବେଙ୍ଗାଲୁରରେ ମାର୍ଚ୍ଚ ୧୯ ଓ ୨୦ ଦୁଇ ଦିନ ଧରି ସଂଘର ଅଖିଳ ଭାରତୀୟ ପ୍ରତିନିଧି ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ସଭାରେ ଓଡିଶାରୁ ୧୫ ଜଣ କାର୍ଯ୍ୟକର୍ତା ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିଥିବା ବେଳେ ଅନ୍ ଲାଇନ୍ ମାଧ୍ୟମରେ ୨୬ ଜଣ ଭାଗ ନେଇଥିଲେ । ୪୫୦ ଜଣ ନିର୍ବାଚିତ କେନ୍ଦ୍ରୀୟ ପ୍ରତିନିଧି ଏଥିରେ ଯୋଗ ଦେଇ ଥିଲେ । କରୋନା କାରଣରୁ ଅନ୍ୟ ୧୦୦୦ ସଦସ୍ୟ ୪୪ଟି ସ୍ଥାନରେ ଅନ୍ ଲାଇନ୍ ମାଧ୍ୟମରେ ଏହି ସଭାରେ ଭାଗନେଇଥିଲେ ।

ଚଳିତ ବର୍ଷ ବୈଠକରେ ସରକାର୍ଯ୍ୟବାହ ନିର୍ବାଚନ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଦତାତ୍ରେୟ ହୋସବ୍ଳେ ସରକାର୍ଯ୍ୟବାହ ରୂପେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି । କରୋନା ଅବଧିରେ ସମାଜର ସକ୍ରିୟ ଅଂଶଗ୍ରହଣ ଦ୍ୱାରା ଭାରତ ବିଶ୍ୱକୁ ଏକ ଉଦାହରଣ ଦେଇଥିଲା । ଭାରତ ମଧ୍ୟ ଟିକା ପ୍ରସ୍ତୁତ କରି ସାରା ବିଶ୍ୱକୁ ବିତରଣ କରିଛି । ଏହି ବିଷୟରେ ପ୍ରତିନିଧିସଭାରେ ଅଭିନନ୍ଦନ ପାଇଁ ମଧ୍ୟ ପ୍ରସ୍ତାବ ଆସିଥିଲା । ଶ୍ରୀରାମ ମନ୍ଦିର ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । କରୋନା ଓ ଶ୍ରୀରାମ ମନ୍ଦିରକୁ ନେଇ ଚର୍ଚ୍ଚା ଆଲୋଚନା ହେବା ପରେ ଦୁଇଟି ପ୍ରସ୍ତାବ ମଧ୍ୟ ପାରିତ ହୋଇଛି ।

କୋଭିଡ ବଷୟରେ ପାରିତ ହୋଇଥିବା ପ୍ରସ୍ତାବରେ କୁହାଯାଇଛି ଯେ, କୋଭିଡ ମହାମାରୀ ସମୟରେ ସାରା ଭାରତ ଏକଜୁଟ ହୋଇ ଛିଡା ହୋଇଛି । ଏହି ସମୟ ମଧ୍ୟରେ ସମସ୍ତ ଆଗଧାଡିର କର୍ମଚାରୀ ନିଜର ଦାୟିତ୍ୱ ସୁଚାରୁରୂପେ ତୁଲାଇଥିଲେ । ଦେଶ ଏବଂ ବିଶ୍ୱ ଶୀଘ୍ର ଏହି ସମସ୍ୟାରୁ ମୁକ୍ତି ପାଇବ ବୋଲି ପ୍ରତିନିଧି ସଭା ଆଶାକରେ । ଭେଂଟିଲେଟର, ପିପିକିଟ୍ , କରୋନା ପରୀକ୍ଷଣ ପ୍ରଣାଳୀର ଉପଲବ୍ଧି ଓ ଓ ସୁଲଭ ଦାମରେ ସ୍ୱଦେଶୀ କରୋନା ଟିକା ବିକାଶ ତଥା ଉତ୍ପାଦନ ମାଧ୍ୟମରେ ଭାରତ ଏହି ବିପର୍ଯ୍ୟୟକୁ ଏକ ସୁଯୋଗରେ ପରିଣତ କରିବାରେ ସକ୍ଷମ ହୋଇଛି । ଅଖିଳ ଭାରତୀୟ ପ୍ରତିନିଧି ସଭାର ପୂର୍ଣ୍ଣ ବିଶ୍ୱାସ ଅଛି ଯେ, ଭାରତୀୟ ସମାଜ ଦୃଢତାର ସହିତ ଏହି ମହାମାରୀ ପ୍ରଭାବରୁ ମୁକ୍ତ ହୋଇ ଯଥାଶୀଘ୍ର ସାଧାରଣ ଭାବରେ ଜୀବନ ଯାପନ କରିବ ।

ଶ୍ରୀରାମ ମନ୍ଦିରକୁ ନେଇ ପାରିତ ହୋଇଥିବା ପ୍ରସ୍ତାବ ଉପରେ କୁହାଯାଇଛି ଯେ,ଶ୍ରୀରାମ ଜନ୍ମଭୂମିରେ ମାନନୀୟ ସୁପ୍ରିମକୋର୍ଟଙ୍କ ଦ୍ୱାରା ସର୍ବସମ୍ମତ ନିର୍ଣ୍ଣୟ ପରେ ଶ୍ରୀରାମ ଜନ୍ମଭୂମି ଉପରେ ମନ୍ଦିର ନିର୍ମାଣ ପାଇଁ ଏକ ସାର୍ବଜନିକ ନ୍ୟାସ 'ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର' ଗଠନ କରାଯାଇଛି । ଯେତେବେଳେ ଏହି ନ୍ୟାସ ନିଧି ସମର୍ପଣ ଅଭିଯାନ ଆରମ୍ଭ କଲା ସେ ସମୟରେ ସଂଘର ସ୍ୱୟଂସେବକେମାନେ ସହଯୋଗ କରିଥିଲେ । ଏହି ଅଭିଯାନ ପ୍ରମାଣ କରିଛି ଯେ ଶ୍ରୀରାମଙ୍କ ସହ ଭାରତରେ ରହୁଥିବା ଲୋକମାନେ କିପରି ଜଡିତ । ସମାଜର ସମସ୍ତ ବର୍ଗ ଏବଂ ଭିନ୍ନ ମତ ପନ୍ଥ ଏହି ଅଭିଯାନରେ ସହଭାଗି ହୋଇଛନ୍ତି । ଗ୍ରାମବାସୀ, ନଗରବାସୀ, ବନବାସୀ ଏବଂ ଗିରିବାସୀ ମାନଙ୍କର ବୈଭବଶାଳୀ ବ୍ୟକ୍ତି ବିଶେଷଙ୍କ ଠାରୁ ଆରମ୍ଭ କରି ସାଧାରଣ ଗରିବ ଜନତା ପର୍ଯ୍ୟନ୍ତ ସମସ୍ତେ ମିଶି ଏହି ଅଭିଯାନକୁ ସଫଳ କରିବା ନିମନ୍ତେ ସଂପୂର୍ଣ୍ଣ ଭାବରେ ନିଜ ନିଜର ସହଯୋଗ ପ୍ରଦାନ କରିଛନ୍ତି । ଏହି ଅସାଧାରଣ ଉତ୍ସାହ ଓ ଆକୁଣ୍ଠସହଯୋଗ ପାଇଁ ପ୍ରତିନିଧି ସଭା ସମସ୍ତ ରାମଭକ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରୁଛି ।

ନିଧି ସମର୍ପଣ ଅଭିଯାନ ଏକ ଜନ ସଂପର୍କ ଅଭିଯାନରେ ପରିଣତ ହୋଇଥିଲା । ଏହି ଅଭିଯାନରେ ସାରା ଦେଶରେ ସ୍ୱୟଂସେବକମାନେ ୫,୪୫,୭୩୭ ସ୍ଥାନରେ ପହଂଚିଥିଲେ ଏବଂ ପ୍ରାୟ ୨୦ ଲକ୍ଷ କାର୍ଯ୍ୟକର୍ତା ଏହି ସଂପର୍କ ଅଭିଯାନରେ ଲାଗିଥିଲେ । ଏହି ଅଭିଯାନ ମାଧ୍ୟମରେ ସ୍ୱୟଂସେବକମାନେ ଦେଶର ୧୨,୪୭,୨୧,୦୦୦ ପରିବାରରେ ପହଂଚି ସଂପର୍କ କରିଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ସମାଜରେ ଆଧ୍ୟାତ୍ମିକ ଜାଗରଣ, ରାଷ୍ଟ୍ରୀୟ ଏକତା, ସମାଜିକ ସମରସତା ଏବଂ ସଦଭାବ ତଥା ସମର୍ପଣର ବିକାଶ ହେବା ସହିତ ଦେଶର ଅନ୍ତର୍ନିହିତ ଶକ୍ତି ଜାଗ୍ରତ ହୋଇ ପାରିଛି ।

କରୋନା ସମୟରେ ଶାଖା ବନ୍ଦ ଥିଲା, କିନ୍ତୁ ସଂଘର ସ୍ୱୟଂସେବକମାନେ ସକ୍ରିୟ ଥିଲେ । କରୋନା କଟକଣା ଉଠିବା ପରେ ଭାରତରେ ୭୪,୦୦୦ ସଂଘ ଶାଖା ଚାଲୁଅଛି । ଓଡିଶାରେ ମଧ୍ୟ ୧୫୬୫ଟି ଶାଖା ଲାଗୁଛି । ବର୍ତମାନ ପରିବାର ପ୍ରବୋଧନ, ଗୋ ସେବା, ପର୍ଯ୍ୟାବରଣ ସୁରକ୍ଷା ଏବଂ ସାମାଜିକ ସମରସତା ଗତିବିଧି ଆଦି କାର୍ଯ୍ୟକ୍ରମ ଚାଲୁଅଛି । ଆଗାମୀ ସମୟରେ ଗ୍ରାମ ବିକାଶ ଏବଂ ଜୈବିକ କୃଷି ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହିତ କାମ ଆରମ୍ଭ କରାଯିବ । ୧୩ ଅପ୍ରେଲରେ ସଂଘ ଭୂମି ସୁପୋଷଣ (ଭୂମି ପୁଷ୍ଟିକର) ଅଭିଯାନ ଆରମ୍ଭ କରିବାକୁ ଯାଉଛି । ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ଓଡିଶା ପୂର୍ବ ପ୍ରାନ୍ତର ସଂଘଚାଳକ ସମୀର କୁମାର ମହାନ୍ତି,ସହ ପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ଓ ଭାରତର ପୂର୍ବକ୍ଷେତ୍ର କାର୍ଯ୍ୟବାହ ଗୋପାଳ ପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ ।

# ବିଶ୍ୱ ଜଳଦିବସ: ବିହନ ପିଣ୍ଡୁଳାରେ ଜଳ ବଞ୍ଚିବାର ବାର୍ତ୍ତା




ଭୁବନେଶ୍ୱର (ପିଏନ୍): ମାର୍ଚ୍ଚ ୨୨ ତାରିଖକୁ ସାରା ବିଶ୍ୱ ଜଳ ଦିବସ ରୂପେ ପାଳନ କରୁଛି। ସମ୍ପ୍ରତି ସାରା ବିଶ୍ୱ ଦିନକୁ ଦିନ ଜଳସଙ୍କଟ ଆଡ଼କୁ ଗତି କରୁଛି। ପରିବେଶବିତ୍, ବୈଜ୍ଞାନିକମାନଙ୍କ ପାଇଁ ଏହା ଚିନ୍ତାର ବିଷୟ ପାଲଟିଯାଇଛି। କିପରି ଭାବେ ଏ ବିଶ୍ୱକୁ ଏ ସଙ୍କଟରୁ ଉଦ୍ଧାର କରିବେ ଦିନରାତି ଗବେଷଣା ବି ଚାଲିଛି। ଜନ ସଚେଜନତା ବି ସୃଷ୍ଟି କରାଯାଉଛି। ଭୂତଳ ଜଳ ଦିନକୁ ଦିନ ନିମ୍ନଗାମୀ ହେବାରେ ଲାଗିଛି। ଏବେଠାରୁ ପାଣି ପାଇଁ ଚାରିଆଡ଼େ ଲୋକେ ଡ଼ହଳ ବିକଳର ଦୃଶ୍ୟ ଦେଖିବାକୁ ମିଳିଲାଣି। ଭାଗବତ କୁହେ ପାଣି, ପବନ ଲାଗି ଦେହ, ଏଥୁ ଅଧିକେ କିଛି କୁହ। ଜଳ ବଞ୍ଚିଲେ ଜୀବନ ବଞ୍ଚିବ। ସେଥିପାଇଁ ଜଳର ଅନ୍ୟ ନାମ ଜୀବନ ବୋଲି କହିଥାଉ। ଏକ ବୁନ୍ଦା ଜଳ ଜଣେ ଶୋଷିଲା ଲୋକ ପାଇଁ ବହୁ ମଲ୍ୟବାନ। ଜାତିସଂଘ ଦ୍ୱାରା ହୋଇଥିବା ପରିସଂଖ୍ୟାନ ରିପୋର୍ଟ କୁହେ ପୃଥିବୀ ଜନସଂଖ୍ୟାର ୨.୧ ବିଲିୟନ ଲୋକ ନିରାପଦ ପାନୀୟ ଜଳ ପାଆନ୍ତି ନାହିଁ। ପ୍ରତି ୪ଟି ପ୍ରାଥମିକ ସ୍କୁଲ୍‌ରୁ ୧ଟି ସ୍କୁଲ୍‌ରେ ନିରାପଦ ପାନୀୟ ଜଳର ସୁବିଧା ନଥାଏ। ପ୍ରାୟ ବର୍ଷକୁ ୫ ବର୍ଷରୁ କମ୍ ୭ଶହ ପିଲା ଅପରିଷ୍କାର ପାଣି ପିଇ ଡ଼ାଇରିଆ ଯୋଗୁ ମୃତ୍ୟୁ ମୁଖରେ ପଡ଼ିଥାନ୍ତି ।ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସ୍ମାର୍ଟନଗରୀ ଭୁବନେଶ୍ୱର ପୋଖରୀପୁଟ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ୍-୨ ଠାରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ବିଶ୍ୱ ଜଳ ଦିବସ ଅବସରରେ ବିହନ ପିଣ୍ଡୁଳାରେ ବଳିଷ୍ଠ ବାର୍ତ୍ତା ପ୍ରଦାନ କରିଛନ୍ତି। ମାଟି, ଖତ, ମଞ୍ଜିରେ ପ୍ରସ୍ତୁତ ଏହି ପରିବେଶ ଉପଯୋଗୀ ବିହନ ପେଣ୍ଡୁ ଗୁଡ଼ିକୁ ଗଛ ରୂପରେ ସ୍ଥାନିତ କରି ଜଳସଂରକ୍ଷଣ ଦିଗରେ ଗଛର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ଯାହା ସେ ଏହି ବିହନ ପିଣ୍ଡୁଳାରେ ଦର୍ଶାଇଛନ୍ତି। ନିମ୍ନଗାମୀ ଜଳକୁ ରୋକିବାରେ ହେଉ, କି ଜଳ ସଞ୍ଚୟ ହେଉ, କି ପରିବେଶ ସନ୍ତୁଳନ ଦିଗରେ ଗଛର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଏହି ସଙ୍କଟ ପରିସ୍ଥିତିରେ ବିହନ ପିଣ୍ଡୁଳାରେ ଯଥେଷ୍ଟ ଆବଶ୍ୟକତା ରହିଛି। ସ୍ୱଳ୍ପ ଖର୍ଚ୍ଚ ଓ କମ୍ ସମୟରେ ସବୁଜିମା ସୃଷ୍ଟି କରିବା ଦିଗରେ ବିହନ ପେଣ୍ଡୁ ଅର୍ଥାତ୍ (ସିଡ୍‌ବଲ୍) ଏକମାତ୍ର ସାହା ଯାହା ଜଳ ସଙ୍କଟକୁ ରୋକିବାରେ ବେଶ୍ ସହାୟକ ହୋଇପାରିବ ବୋଲି ଶ୍ରୀ ସାହୁ ଆଶା ପ୍ରକଟ କରିଛନ୍ତି। ଏଣୁ ପ୍ରତ୍ୟେକ ମଣିଷ ନିଜ ପାଇଁ ଓ ଭବିଷ୍ୟତର ପିଢୀ ପାଇଁ ଗୋଟିଏ ଲେଖାଏଁ ଗଛ ଲଗାଇବା ପାଇଁ ସଂକଳ୍ପ ନିଅନ୍ତୁ ବୋଲି ସୁଶାନ୍ତ କହିଛନ୍ତି।

# ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ କ୍ରୀଡା ଉପକରଣ ବଣ୍ଟନ



ଯୋଡା (ପିଏନ୍): ୧୫ତମ ଟାଟା ସ୍ୱେଚ୍ଛାସେବୀ ସପ୍ତାହ ପାଳନର ଅଂଶବିଶେଷ ଭାବେ ଟାଟାଷ୍ଟିଲ ଯୋଡ଼ାର ଅଧିକାରୀମାନେ ଗତ ଶନିବାର ଦିନ 'ଆନ୍ତର୍ଜାତୀୟ ଖୁସି ଦିବସ' ଅବସରରେ କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅଧିନସ୍ଥ ଯୋଡ଼ା ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ସହିତ କିଛି ଭଲ ସମୟ ଅତିବାହିତ କରିଛନ୍ତି। ଏକ ହସଖୁସିଭରା ପରିବେଶରେ ଛାତ୍ରଛାତ୍ରୀମାନଙ୍କ ସହିତ କିଛି ସମୟ ଅତିବାହିତ କରିବା ସହିତ ଅଧିକାରୀମାନେ ଛାତ୍ର ଛାତ୍ରୀମାନଙ୍କୁ କ୍ରୀଡ଼ା ଉପକରଣ ବଣ୍ଟନ କରିଥିଲେ। ବ୍ୟାଟ୍, ଫୁଟବଲ, ଦୌଡ଼ି ଡିଆଁ, ବ୍ୟାଡ଼ମିଣ୍ଟନ ର୍ୟାକେଟ୍, ଫ୍ଲାଇଂ ଡିସ୍କ, ଚେସ୍ ବୋର୍ଡ଼ ଓ ଲୁଡୁ ଇତ୍ୟାଦି କ୍ରୀଡ଼ା ଉପକରଣ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀମାନଙ୍କ ମୁହଁରେ ହସ ଫୁଟାଇପାରିଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଟାଟା ସ୍ୱେଚ୍ଛାସେବୀ ସପ୍ତାହ ଅନ୍ତର୍ଗତ ଯୋଡ଼ାଠାରେ ବିଭିନ୍ନ କାର୍ଯ୍ୟକ୍ରମାନ ଆୟୋଜନ କରାଯାଉଛି।


## ଆନନ୍ଦପୁର ରଥଦାଣ୍ଡରେ ସତ୍ୟନାରାୟଣ ପାଲା ଉଦ୍‌ଯାପିତ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ବଡଦାଣ୍ଡ ଠାରେ ଗତ ୧୫ତାରିଖ ଠାରୁ ବାଦିପାଲା ଆରମ୍ଭ ହୋଇ ଉଦ୍‌ଯାପିତ ହୋଇଯାଇଛି । ଏହି ପାଲା କମିଟିର ସଭାପତି ଅନନ୍ତ ଚରଣ ସାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଏହି ବାଦିପାଲାରେ ଆନନ୍ଦପୁର ଉପଜିଲ୍ଲାପାଳ ସରୋଜ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ୧୭ ତାରିଖ ଦିନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ୧୮ତାରିଖ ଦିନ ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ ଅତିଥି ଭାବେ ଯୋଗ ଦେଇ ପାଲାପ୍ରେମୀଙ୍କୁ ଉତ୍ସାହିତ କରିଥିବା ବେଳେ ଶେଷ ଦିନରେ ସମାଜସେବୀ ଅଶୋକ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପାଲା କମିଟିର ସମ୍ପାଦକ ଆଶିଷ କୁମାର ପଟ୍ଟନାୟକ, ସଦସ୍ୟ ସତ୍ୟାନନ୍ଦ ମିଶ୍ର, ପବିତ୍ରମୋହନ ବେହେରା, ହର ସାହୁ, ହରମୋହନ ଧଳ, ବାଇଧର ରାମ, ଦେବରଂଜନ ସାହୁ, ବରିଷ୍ଠ ସାମ୍ବାଦିକ ମଦନ ପାଣି, ଯୁବ ସାମ୍ବାଦିକ ଅଭିନ୍ନ ରଣା, ନିର୍ମଳ ଚନ୍ଦ୍ର ରାଉଳ, କିରଣ ପାଢୀ ପ୍ରମୁଖ ଉପସ୍ଥିତ ରହି ପାଲାରେ ସହଯୋଗ କରିଥିଲେ ।

# ସଫଳ ମାଛ ଚାଷୀ ଅମିତଙ୍କୁ ପୁରସ୍କୃତ

ଆନନ୍ଦପୁର (ପିଏନ୍): ସଫଳ ଯୁବ ମାଛଚାଷୀ ଅମିତ ମାଛଚାଷରେ ସଫଳତା ହାସଲ କରି ସେ ଆଜି ନିଜେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି । ଏପରିକି ଅନ୍ୟ ଯୁବପୀଢିଙ୍କ ପାଇଁ ପ୍ରେରଣାଦାୟୀ ପାଲଟିଥିବା କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଅନ୍ତର୍ଗତ ଗଡବାନ୍ଧଗୋଡା ପଂଚାୟତ ମଙ୍ଗଳାଗଡିଆ ଗାଁର ଯୁବ ଚାଷୀ ଅମିତ ଜେନାଙ୍କୁ ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଛି । ଭୁବନେଶ୍ୱରରେ ଆୟୋଜିତ କୃଷି ଓଡିଶା-୨୦୨୧ କାର୍ଯ୍ୟକ୍ରମରେ ତାଙ୍କୁ କୃତୀ କୃଷକ ଭାବେ ସମ୍ବର୍ଦ୍ଧିତ କରାଯାଇଛି । ରାଜ୍ୟ କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ଅମିତଙ୍କୁ ୧୦ହଜାର ଟଙ୍କା ସହ ମାନପତ୍ର, ଉତ୍ତରୀୟ ପ୍ରଦାନ କରି ସମ୍ମାନୀତ କରିଥିଲେ । ବର୍ତ୍ତମାନର ଯୁବକଯୁବତୀ ଚାକିରୀ ପଛରେ ଗୋଡାଇ ନିରାଶ ହେବାପରେ ଘରେ ବସି ରହୁଥିବା ବେଳେ ଅମିତ ଜେନା ନିଜ ଇଚ୍ଛାଶକ୍ତି ବଳରେ ଆଜି ଆଗକୁ ବଢି ପାରିଛନ୍ତି । ଅମିତଙ୍କ ବାପା କୃଷି ବିଭାଗର କର୍ମଚାରୀ । କୃଷି କ୍ଷେତ୍ରରେ ବାପାଙ୍କ ପରାମର୍ଶ ଅନୁଯାୟୀ ପ୍ରଥମେ ୧.୨୫ ଏକର ପରିମିତ ଜମି ଉପରେ ପୋଖରୀ ଖନନ କରିଥିଲେ । ଏହାପରେ ପ୍ରଥମେ ୪ହଜାର ମାଛ ଯାଆଁଳ ଛାଡି ରକ୍ଷଣାବେକ୍ଷଣ ଦାୟିତ୍ୱ ନେବାପରେ କିଛି ମାସ ମଧ୍ୟରେ ୨୩ କୁଇଣ୍ଟାଲ ମାଛ ଧରିଥିଲେ । ଏବେ ସେ ଅଧିକ ପରିମାଣରେ ମାଛ ଉତ୍ପାଦନ କରି ପାରୁଛନ୍ତି । ଆଗ୍ରହର ସହ କାର୍ଯ୍ୟ କଲେ ଗୋଟିଏ ବର୍ଷ ମଧ୍ୟରେ ମାଛଚାଷ କରି ବର୍ଷକୁ ଲକ୍ଷାଧିକ ଟଙ୍କା ରୋଜଗାର କରିହେବ ବୋଲି ଅମିତ କହିଛନ୍ତି । ଅନ୍ୟପଟେ ମାଛଚାଷ ପାଇଁ ସରକାରଙ୍କ ତରଫରୁ ମଧ୍ୟ ବିଭିନ୍ନ ସହାୟତା ମିଳୁଛି । ମାଛକୁ ଦିନକୁ ୨ଥର ଦାନା ଦେବା ସହ ପ୍ରତି ସପ୍ତାହରେ ପୋଖରୀର ରକ୍ଷଣାବେକ୍ଷଣ କରିବା ପାଇଁ ଦୁଇଜଣ ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇଛନ୍ତି । ମାଛଚାଷ ସହିତ ବତକ ଓ କୁକୁଡା ଚାଷ କରିବେ ବୋଲି ଅମିତ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୧, ଜୁନ୍ ୨୪

# 'ଦେବସ୍ନାନ ପୂର୍ଣ୍ଣିମା'

ଭଗବାନ ମଧ୍ୟ ମାନବୀୟ ଲୀଳାରେ ନିଜକୁ ହଜାଇ ଦେଇଥାନ୍ତି। ପ୍ରତିକାତ୍ମକ ଲୀଳା ଭାବେ ଏହି ଦେବସ୍ନାନ ପୂର୍ଣ୍ଣିମା ଇତିହାସ ରଚିଛି। ଆମେ ପ୍ରତ୍ୟେକ ଦିନ ସ୍ନାନ କରୁଥିବାବେଳେ ଜଗତର ନାଥ ଜଗନ୍ନାଥ ମହାପ୍ରଭୁ ଭାଇଭଉଣୀ ନେଇ ବର୍ଷରେ ଥରେ ମହାସ୍ନାନ କରିଥାନ୍ତି। ଆମର ୨୪ ଘଂଟାରେ ଗୋଟିଏ ଦିନ ହେଉଥିବା ସ୍ଥଳେ ତାଙ୍କ ପାଇଁ ଆମର ହିସାବରେ ୩୬୫ ଦିନରେ ତାଙ୍କର ଗୋଟିଏ ଦିନ ହୋଇଥାଏ। ଏଣୁ ଆମ ହିସାବରେ ବର୍ଷକରେ ତାଙ୍କର ଗୋଟିଏ ଦିନ ସେହିଦିନ ମହାସ୍ନାନ ଆଷାଢ ମାସ ଶୁକ୍ଳପକ୍ଷ ଦେବସ୍ନାନ ପୂର୍ଣ୍ଣିମା ତିଥିରେ ଏହା ଅନୁଷ୍ଠିତ ହୋଇଥାଏ। ଯଦିଓ ପ୍ରତ୍ୟେକ ଦିନ ଠାକୁରଙ୍କ ପୂଜାବେଳେ ସ୍ନାନ ନିତିର ପରମ୍ପରା ରହିଛି କିନ୍ତୁ ବର୍ଷସାରା ଚତୁର୍ଦ୍ଧା ମୂର୍ତୀ କେବଳ ମନ୍ତ୍ର ସ୍ନାନ କରନ୍ତି, ମାତ୍ର ସ୍ନାନ ପୂର୍ଣ୍ଣିମା ଦିନ ତିନି ଠାକୁରଙ୍କ ଉପରେ ଜଳ ଲାଗି ହୋଇଥାଏ। ମନ୍ତ୍ର ସ୍ନାନ ଅର୍ଥାତ୍ ପ୍ରତିଦିନ ମହାପ୍ରଭୁଙ୍କ ପ୍ରତି ଛବିକୁ ପିତଳର ଦର୍ପଣରେ ସ୍ନାନ କରାଯାଇଥାଏ। ସେହି ଦର୍ପଣ ଆଗରେ ହିଁ ମହାପ୍ରଭୁଙ୍କର ଚନ୍ଦନ, କର୍ପୁର ଆଦି ପ୍ରଦାନ କରାଯାଇଥାଏ। ବର୍ଷକରେ ମାତ୍ର ଗୋଟିଏ ଦିନ ଚତୁର୍ଦ୍ଧାମୂର୍ତୀ ସ୍ନାନ ବେଦୀରେ ସ୍ନାନ କରିଥାନ୍ତି। ଶ୍ରୀମନ୍ଦିର ପରିସରରେ ଥିବା ସୁନା କୂଅରୁ ପାଣି ଆସେ। ମହାପ୍ରଭୁଙ୍କ ସ୍ନାନ ପାଇଁ ଶ୍ରୀମନ୍ଦିରରେ ଥିବା ଗରାବଡୁ ସେବାୟତ ଏହିପାଣି ଆଣିଥାନ୍ତି। ସ୍ନାନବେଦୀ ନିକଟରେ ଥିବା ଅଧିବାସ ଗୃହରେ ହିଁ ପ୍ରଥମେ ୧୦୮ ଗରା ପାଣିକୁ ସଂସ୍କାର କରାଯାଇଥାଏ। ଚୁଆ, ଚନ୍ଦନ, କର୍ପୂର ସହ ବିଭିନ୍ନ ପ୍ରକାର ଔଷଧୀୟ ଦ୍ରବ୍ୟ ମିଶାଯାଇ ସ୍ନାନ ପାଇଁ ଥିବା ଜଳକୁ ସଂସ୍କାର କରାଯାଏ। ଦେବସ୍ନାନ ପୂର୍ଣ୍ଣିମା ଦିନ ଚତୁର୍ଦ୍ଧାମୂର୍ତୀ ପହଣ୍ଡିରେ ଆସିଥାନ୍ତି ସ୍ନାନବେଦୀକୁ। ରତ୍ନ ସିଂହାସନରୁ ପ୍ରଥମେ ଆସନ୍ତି ଗରୁଡ ସ୍ତମ୍ଭ ନିକଟକୁ ତାପରେ ସାତ ପାହାଚ ବାଟ ଦେଇ ବାଟ ଅଗଣା ଓ ସେଠାରୁ ଆନନ୍ଦ ବଜାର ଦେଇ ଯାଇଥାନ୍ତି ସ୍ନାନ ବେଦୀକୁ। ସେଠାରେ ହୁଏ ସ୍ନାନ ପରମ୍ପରା। ଠାକୁର ସ୍ନାନ କରନ୍ତି ସୁବାସିତ ଜଳରେ। ଆଉ ସ୍ନାନ ପରେ ହାତୀ ବେଶରେ ସାହାଣ ମେଳା ଦର୍ଶନ ଦିଅନ୍ତି ଭକ୍ତଙ୍କୁ। ତେବେ ସାହାଣ ମେଳା ଦର୍ଶନ ପରେ ଠାକୁର ଆଉ ଫେରିନଥାନ୍ତି ରତ୍ନ ବେଦୀକୁ। ସ୍ନାନ ବେଦୀରୁ ସିଧା ଯାଇଥାଆନ୍ତି ଅଣସର ଗୃହକୁ। ୧୫ ଦିନ ପର୍ଯ୍ୟନ୍ତ ମହାପ୍ରଭୁ କାହାକୁ ଦର୍ଶନ ଦିଅନ୍ତି ନାହିଁ। ଅଣସର ଘରେ ଠାକୁରଙ୍କର ଉପଚାର ବିଧି ହୋଇଥାଏ। ୧୫ ଦିନ ପରେ ସୁସ୍ଥ ହୋଇ ନବଯୌବନ ବେଶରେ ସିଧା ଆସନ୍ତି ରଥ ଉପରକୁ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେବାପାଇଁ। ତାପରେ ନବ ଦିନାତ୍ମକ ରଥଯାତ୍ରା କରିବା ପରେ ଫେରି ଯାଇଥାନ୍ତି ରତ୍ନ ସିଂହାସନକୁ। ଦାରୁ ବ୍ରହ୍ମଙ୍କ ଲୀଳା କ୍ଷେତ୍ର ପୁରୁଷୋତମ କ୍ଷେତ୍ରରେ ମହାପ୍ରଭୁଙ୍କ ସ୍ନାନ ଉତ୍ସବ ଏକ ଶାସ୍ତ୍ରୀୟ ଭିତି ଭୂମିର ଲୀଳା ମହାପ୍ରଭୁଙ୍କ ଆବିର୍ଭାବ ବେଳେ ପ୍ରଥମେ ଏଇ ସ୍ନାନ ହୋଇଥିବାରୁ ଏହାକୁ ଶ୍ରୀଦାରୁ ବ୍ରହ୍ମଙ୍କ ଆଦ୍ୟଲୀଳା ବୋଲି କୁହାଯାଏ। ମହାପ୍ରଭୁଙ୍କୁ ଦାରୁ ବ୍ରହ୍ମ ରୂପ ଧାରଣ ପରେ ପ୍ରଥମ ମଙ୍ଗଳମୟ ମୁହୁର୍ତରେ ରାଜା ଇନ୍ଦ୍ରଦ୍ୟୁମ୍ନ ଠାକୁରଙ୍କୁ ସ୍ନାନ କରାଇଥିଲେ। ସେତେବେଳେ ସ୍ନାନ ମଣ୍ଡପ ନଥିବାରୁ ଏକ କାଠର ମଂଚ ନିର୍ମାଣ କରାଇ ତା ଉପରେ ସ୍ନାନ ବିଧି ସମାପନ କରାଇଥିଲେ। ଶାସ୍ତ୍ରମତରେ ୧୦୮ ସୁନାକଳସରେ ଜଳ ଅଭିମନ୍ତ୍ରିତ ହୋଇ ମହାପ୍ରଭୁଙ୍କୁ ସ୍ନାନ କରାଇଥିଲେ। ଶାସ୍ତ୍ର ମତେ ଜ୍ୟେଷ୍ଠ ପୂର୍ଣ୍ଣୀମାରେ ଠାକୁରଙ୍କର ଆବିର୍ଭାବ ହୋଇଥିଲା। ରଥ ଯାତ୍ରାବେଳେ ଗଜପତିଙ୍କର ଛେରାପହଁରା ଭଳି ସ୍ନାନ ବେଦୀରେ ମଧ୍ୟ ଏହି ଛେରା ପହଁରା ନୀତି ରହିଛି। ଗଜପତି ତାଙ୍କ ତାନଦାନରେ ଆସି ୨୨ ପାହାଚ ଦେଇ ସ୍ନାନ ବେଦୀକୁ ଯାଇ ସେଠାରେ ସେ ମହାପ୍ରଭୁଙ୍କ ବସ୍ତ୍ର, ତୁଳସୀ, ପୁଷ୍ପାଞ୍ଜଳୀ ଅର୍ପଣ କରି ଆଳତୀ କରିବା ପରେ ଛୋରାପହଁରା ହୁଏ ସ୍ନାନ ବେଦୀରେ ଚାରି କଡରେ ସର୍ବମୋଟ ୩ ଘେରା ଛେରା ପହଁରା କରାଯାଇଥାଏ। ଜ୍ୟେଷ୍ଠ ପୂର୍ଣ୍ଣୀମାରେ ମହାପ୍ରଭୁଙ୍କ ପ୍ରଥମ ସ୍ନାନ ଲୀଳାକୁ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଦର୍ଶନ କରୁଥିବାରୁ ଏହି ଲୀଳାକୁ ପତିତପାବନ ଲୀଳା କୁହାଯାଏ। ଦେବା ଦେବୀମାନେ ମାନବୀୟ ଲୀଳାରେ ସ୍ନାନାଦି ଆଦି କାର୍ଯ୍ୟ ସମାପନ କରିଥାନ୍ତି। ଏହାହିଁ ହେଉଛି ମଣିଷ ଓ ପ୍ରକୃତି ମଧ୍ୟରେ ମିଳନ। ପ୍ରତି ଗ୍ରାମରେ ଗ୍ରାମ ଦେବୀଙ୍କୁ ମଧ୍ୟ ସ୍ନାନ କରାଯିବାର ପରମ୍ପରା ରହିଛି। ମା ତାରିଣୀଙ୍କର ଏହି ସ୍ନାନ ପରମ୍ପରା ରହିଛି। କିନ୍ତୁ ଜଗତର ନାଥ ଜଗନ୍ନାଥଙ୍କ ସ୍ନାନକୁ ମହାସ୍ନାନ କୁହାଯିବା ସଙ୍ଗେ ସଙ୍ଗେ ଏହି ମହାସ୍ନାନର ସ୍ୱତନ୍ତ୍ରତା ରହିଛି। ଜଗତରେ ଏପରି ସ୍ନାନ ପଦ୍ଧତି ଅନ୍ୟ କୌଣସି ଠାକୁରଙ୍କ ଠାରେ ଦେଖାଯାଏନାହିଁ। ସେଇଥିପାଇଁ ଦୁନିଆରେ ବିଭିନ୍ନ କୋଣରୁ ଅନେକ ହଜାର ହଜାର ଭକ୍ତ ଏହି ଅଲୌକିକ ସ୍ନାନ ପ୍ରକ୍ରିୟା ଦେଖିବାକୁ ଚାଲି ଆସନ୍ତି ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ବେଳକୁ। ଯେଉଁ ଠାକୁରଙ୍କର ସବୁ କିଛି ମହାନ୍ ତାଙ୍କର ସ୍ନାନ ଯାତ୍ରା ଛୋଟ ବା ହୁଅନ୍ତା କିପରି? ମହାପ୍ରଭୂଙ୍କ ସ୍ନାନରେ ଶ୍ରୀଜଗନ୍ନାଥଙ୍କର ସ୍ନାନରେ ୬୦ ଜଣ ସେବକ, ବଳଭଦ୍ରଙ୍କ ସେବାରେ ୫୦ଜଣ ସେବକ, ମା ଶୁଭଦ୍ରାଙ୍କ ସେବାରେ ୩୦ଜଣ ସେବକ ନିୟୋଜିତ ହେବାବେଳେ ସୁଦର୍ଶନଙ୍କ ସେବାରେ ୨୦ଜଣ ସେବକ ନିୟୋଜିତ ହୋଇଥାନ୍ତି।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

*ପାଠକୀୟ ମତାମତ ଓ ପରାମର୍ଶ ସ୍ୱପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# କ'ଣ ଭଗବାନ ଅଛନ୍ତି ? ?



ଡ. କିଶୋର ମହାନ୍ତି

ଭଗବାନ ଅଛନ୍ତି ଯେତିକି ବିସ୍ମୟ ଲାଗେ, ଭଗବାନ ନାହାନ୍ତି "କି" ସେତିକି ବିସ୍ମୟ କରେ । ପୁନରାୟ ଭଗବାନଙ୍କର ସ୍ଥିତି ଉପରେ ଅଧିକ ବିଚାର ବିମର୍ଶ କରିବା ଆହୁରି ବିସ୍ମୟୀଭୂତ କରିପକାଏ । ଏ ସଂପର୍କରେ ଗବେଷଣା ଚର୍ଚ୍ଚା କରିବାକୁ ଗଲେ ପୂର୍ଣ୍ଣଚ୍ଛେଦ ପଡ଼େ । କେହି ଆଗକୁ ବଢ଼ନ୍ତିନି । ନଚେତ୍ ଆକାଶ ସଂପର୍କରେ ଅଧିକ ତଥ୍ୟ ଗ୍ରହଣ କରିବା ଓ ପ୍ରଦକ୍ଷିଣ ପାଇଁ ବିଶ୍ୱର ସର୍ବଶ୍ରେଷ୍ଠ ଗବେଷଣା ସଂସ୍ଥା ନାସା କ'ଣ ଏ ଦିଗରେ ଅଧିକ ଭାବରେ ଅଗ୍ରସର ହୋଇପାରନ୍ତେନି, ଆକାଶରେ ଥିବା ଅବସ୍ଥାରେ ଥରୁଟିଏ ଖୋଜି ନଥାନ୍ତେ ? କିନ୍ତୁ କାହିଁ ସବୁ ଗବେଷଣା ସେଇଠି ଶେଷ । କିନ୍ତୁ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି "ସକଳ ଘଟେ ନାରାୟଣ", ନାରାୟଣ ସମସ୍ତଙ୍କ ଶରୀରରେ ବିଦ୍ୟମାନ– ଆମେ କିନ୍ତୁ ଦେଖିପାରୁନା ସେ ଦିବ୍ୟ ଚକ୍ଷୁ ଆମର ନାହିଁ ।

କିନ୍ତୁ କେତେକ ପ୍ରତ୍ୟକ୍ଷ ଭାବରେ ଦେଖିଛନ୍ତି ସେମିତି କୁଛୁ ସାଧନା ବଳରେ– ଭକ୍ତ ପ୍ରହଲ୍ଲାଦ ତାଙ୍କରପିତା ହିରଣ୍ୟକଶ୍ୟପଙ୍କୁ ଉତ୍ତର ଦେଇ କହିଥିଲେ । ସବୁଠି ପ୍ରଭୁ ମୋର ବିଦ୍ୟମାନ । ଖୁମ୍ବକୁ ଦେଖାଇ କହିଲେ- ଏଇଠି ଭଗବାନ କ'ଣ ଅଛନ୍ତି ? ହଁ ଉତ୍ତରରେ ସେ ଦେଖା ବୋଲି କହିବା କ୍ଷଣି ପ୍ରଭୁଙ୍କର ଆବିର୍ଭାବ ଘଟିଲା । ଆଉ ପ୍ରଭୁ ନରସିଂହ ରୂପ ଧରିପାପୀ ହିରଣ୍ୟକଶ୍ୟପକୁ ବିଦାରି ତା' ଅନ୍ତ ଫାଡ଼ିଦେଲେ।

ପୁନରାୟ ଯୁଦ୍ଧ ଭୂଇଁରେ ପ୍ରଭୁ ନିଜର ବିଶ୍ୱରୂପ ଦେଖାଇଛନ୍ତି– ନିଜର ବନ୍ଧୁ ଅର୍ଜ୍ଜୁନଙ୍କୁ, ସ୍ୱୟଂ ଅର୍ଜ୍ଜୁନ ସେଇ ବିଶ୍ୱରୂପ ସଂଦର୍ଶନ କରି ନିଜର ଚୈତି ସତ୍ତାରେ ପ୍ରଭୁଙ୍କୁ ଅନୁଭବ କରିଛନ୍ତି । ସେ କହିଛନ୍ତି–

"ରୂପଂ ମହତ୍ତେ ବହୁବକ୍ତ୍ର ନେତ୍ରଂ
ମହାବାହୋ ବହୁବାହୁ ରୂ ପାଦଂ
ବହୁ ଦରଂ ବହୁଦ୍ରଂଷ୍ଟା କରାଳଂ
ଦୃଷ୍ଟା ଲୋକାଃ ପ୍ରବ୍ୟଥିତା ସ୍ତଥାହଂ..."

ହେ ମହାମହିମ ମହାବାହୁ ବିଶ୍ୱମ୍ଭର, ତୋର ଅସଂଖ୍ୟ ମୁଖ ମୁଁ ଦେଖୁଛି। ଅସଂଖ୍ୟ ଦୀପ୍ତିମନ୍ତ ଚକ୍ଷୁ, ଅସଂଖ୍ୟ କର, ଚରଣ, ଅସଂଖ୍ୟ ଭୟଙ୍କର ତୀକ୍ଷ୍ଣ ଦନ୍ତ ଦେଖି ସମସ୍ତେ ଭୀତତ୍ରସ୍ତ, ମୁଁ ମଧ୍ୟ ଭୟରେ ବିହ୍ୱଳ ହୋଇପଡୁଛି... !

ଏପରି ସ୍ୱରୂପ ଯୋଉ ଭଗବାନଙ୍କର ସାଧାରଣ ମଣିଷ ତାଙ୍କୁ ଚିହ୍ନିବା ବଡ଼ କଷ୍ଟକର । କିନ୍ତୁ ପଣ୍ଡିତମାନେ କହିଥାନ୍ତି, "ଭଗବାନ ତ ସର୍ବତ୍ର ।"

ଏହି କଥାଟି ଉପରେ ଅଧିକ ଗୁରୁତ୍ୱ ଦେବାପାଇଁ ବିଶ୍ୱପ୍ରସିଦ୍ଧ ବୈଜ୍ଞାନିକ ତଥା ଭାରତର ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ୍ଲ କଲାମଙ୍କର ଗୋଟିଏ ଭାବପୂର୍ଣ୍ଣ ବକ୍ତବ୍ୟ ହିଁ ଭଗବାନ ସର୍ବତ୍ର ବିଦ୍ୟମାନ ବୋଲି ଧାରଣା ଉପୁଜାଏ । ତାଙ୍କର ସେ ବହୁମୂଲ୍ୟ ବକ୍ତୃତା ହିଁ କେତେକାଂଶରେ ଆମ ସନ୍ଦେହ ଦୂର କରିବାରେ ସହାୟକ ହୋଇଥାଏ । ତାଙ୍କ ବକ୍ତବ୍ୟରେ ସେ ଉଲ୍ଲେଖ କରିଥିଲେ ଯେ ତାଙ୍କ କମ୍ପାନୀର ବୈଠକୀରେ ଜଣେ ବିଦ୍ୱାନ ବକ୍ତା ଆସିଥିଲେ ଓ ସେ ତାଙ୍କ ସହ ଭେଟ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ ଏବଂ ତାଙ୍କ ବାର୍ତ୍ତାଳାପଟି ସେ ଉଦ୍ଧୃତ କରିବା ଅଧିକ ସମୀଚୀନ ଭାବି ବକ୍ତୃତା ପ୍ରଦାନ କଲେ । ଏହି ଘଟଣାଟି ପ୍ରାୟତଃ ୨୦୦୯ ମସିହା ଜାନୁୟାରୀ ମାସରେ ବରୋଦାରେ ଘଟିଥିଲା । ବରୋଦାର ଜଣେ ବିଶିଷ୍ଟ ଓ ନାମଜାଦା ହୃଦରୋଗ ଚିକିତ୍ସକ ଯାହାଙ୍କର ନାମ ଏସ୍.ଶୈଳେଶ ମେହେଟ୍ଟା । ହୃଦରୋଗ ବିଶେଷଜ୍ଞ ଭାବରେ ସେ ଖୁବ୍ ସୁନାମ ଅର୍ଜନ କରିଛନ୍ତି । ତାଙ୍କ ସହ ସାକ୍ଷାତ କରିବାକୁ ହେଲେ ଅନ୍ୟୂନ ଏକମାସର ମହଲତ ମାଗିବାକୁ ପଡ଼େ । ସେଇ ବକ୍ତାଙ୍କର ଅତି ଅନ୍ତରଙ୍ଗ ବନ୍ଧୁ ଥିଲେ ସେ । କୌଣସି ଗୋଟିଏ ଦିନ ବକ୍ତାଙ୍କ ସହ ଏହି ୬୬ ବର୍ଷୀୟ ଡାକ୍ତର କୌଣସି ଗୋଟିଏ ହୋଟେଲ ବାରଣ୍ଡାରେ ଡିନର ଅପେକ୍ଷାରେ ଥିଲେ । ସେତିକିବେଳେ ସେ ଏହି କାହାଣୀଟି କହିଲେ । ଗୋଟିଏ ଦମ୍ପତ୍ତି ୬ ବର୍ଷର ନିଜର ଝିଅକୁ ସାଙ୍ଗରେ ଧରି ତାଙ୍କ ଚେମ୍ବର ଭିତରକୁ ପ୍ରବେଶ କଲେ । ତାଙ୍କୁ ଫାଇଲଟି ଦେଖାଇଲେ । ଏହା ସତ୍ୟ ଯେ ଛୋଟ ପିଲାଟିର ହୃଦୟଟା ଅତି ଜଟିଳ ଅବସ୍ଥାରେ ଥିଲା । ଏହା ପୂର୍ବରୁ ଅନ୍ୟ ଜଣେ ଡାକ୍ତରଙ୍କ ସହ ଏ ସଂପର୍କରେ ପରାମର୍ଶ ନେଇଥିଲେ । କିନ୍ତୁ ସେ ସିଧା ମନା କରିଦେଇଥିଲେ । ଶ୍ରୀମେହେଟ୍ଟା ସେ ଦୁହିଁଙ୍କୁ ଭଲ ଭାବରେ ବୁଝାଇ ସାନ୍ତ୍ୱନା ଦେଲେ ଯେ ଝିଅର ଅବସ୍ଥା ଅତି ଶୋଚନୀୟ ଏବଂ ତା'ର ତୁରନ୍ତ ଅପରେସନ ଦରକାର । କେବଳ ତିନିରୁ ଛଅମାସ ସେ ଜୀବନ ବିତାଇପାରେ ? ବଂଚିବା କେବଳ ୩୦% ସମ୍ଭାବନା ରହିଛି ଏବଂ ଆଉ ସତୁରୀ ଶତାଂଶ ମୃତ୍ୟୁ ଆଡ଼କୁ ତାକୁ ଟାଣି ନେଉଛି । ଆଉ ଯଦି ସର୍ଜରୀ କରାଯାଏ ତେବେ ୩୦% ଭାଗ ହିଁ ସଫଳତା ମିଳିପାରେ । ବଂଚିଯାଇପାରେ ବି ନପାରେ । ଆଖିରୁ ଅଶ୍ରୁ ବୁହାଇ ଦୁଃଖିତ ଅବସ୍ଥାରେ ଦିହେଁ ଅପରେସନ କରିବା ପାଇଁ ଡାକ୍ତରଙ୍କୁ ଅନୁରୋଧ କଲେ ।

ପିଲାଟିକୁ ହସ୍ପିଟାଲରେ ଭର୍ତ୍ତି କରାଗଲା ଓ ଅପରେସନର ତାରିଖ ମଧ୍ୟ ମା'ବାପାଙ୍କୁ ଜଣାଇ ଦିଆଗଲା ।

ଯେତେବେଳେ ଅପରେସନ ଟେବୁଲକୁ ଯିବାପାଇଁ ନର୍ସ ସେହି ଝିଅକୁ ସଜବାଜ କରାଉଥିଲେ, ଡାକ୍ତର ମେହେଟ୍ଟା ଠିକ୍ ସେତିକିବେଳେ ସେ ରୁମ୍ ଭିତରକୁ ପ୍ରବେଶ କଲେ । ସେଆଗରୁ ଏତେବଡ଼ ବଡ଼ ଅପରେସନ କରିଛନ୍ତି, ଏବଂ ସେ ଜାଣିଥିଲେ କି ଏହା ଏକ ଅଦ୍ଭୁତ ଏବଂ ନୂଆ ପ୍ରକାରର ଅଭିଜ୍ଞତା । ଡାକ୍ତର ମେହେଟ୍ଟା ଝିଅ ଆଡ଼େ ଚାହିଁଲେ । ସେ ଦୁଇଜଣଙ୍କ ଭିତରେ କଥାବାର୍ତ୍ତା ଚାଲିଲା।

ଡ. ମେହେଟ୍ଟା– କେମିତି ଲାଗୁଛି ?

ଝିଅ – ମୁଁ ଭଲ ଅଛି ଡାକ୍ତର । କିନ୍ତୁ ଆପଣଙ୍କୁ ପଚାରିବା ପାଇଁ ମୋର ଗୋଟେ ପ୍ରଶ୍ନ ଅଛି।

ଡା. ମେହେଟ୍ଟା–କ'ଣ ତାହା ?

ଝିଅ– ସମସ୍ତେ ତ କହୁଛନ୍ତି କି ମୋର ହାର୍ଟ ସର୍ଜରୀ କରିବାକୁ ପଡ଼ିବ । ଏହାର ଅର୍ଥ କ'ଣ ଯେ ମୋ ହାର୍ଟକୁ ଆପଣ କ'ଣ ପୂରା ଖୋଲିଦେଇ ବାହାରକୁ ନେଇଆସିବେ ?

ଡା. ମେହେଟ୍ଟା – ଆରେ, ଏତେକଥା କାହିଁକି ଭାବୁଛ ? ତୁମକୁ କିଛି ହିଁ କଷ୍ଟ ହେବନାହିଁ । ସେଥିପାଇଁ ତୁମକୁ ମୁଁ ଔଷଧ ଦେବି। ମୋଟେ କିଛି ଭାବନି ମା, ଭଲ ହେଇଯିବ ।

ଝିଅ– ମୁଁ କିନ୍ତୁ ବ୍ୟସ୍ତ ଯେ ମୋ ହୃଦୟକୁ ପୂରା ଖୋଲିଦେବେ ? କାହିଁକି ନା ମୋ ମା' ମୋତେ ସବୁବେଳେ କହନ୍ତି ଭଗବାନ ସବୁବେଳେ ମୋ' ହୃଦୟରେ ଥାଆନ୍ତି। ଏଇଥିପାଇଁ କହୁଛି ଯଦି ଆପଣ ତାକୁ ଖୋଲୁଥାନ୍ତି ଆପଣ କ'ଣ ତା' ଭିତରେ ଈଶ୍ୱରଙ୍କୁ ଦେଖିପାରିବେ ? ମୋର ଅପରେସନ ପରେ ମୋତେ ଦୟାକରି କହିବେ ନା ସେ ଦେଖିବାକୁ କେମିତି ?

ଏ କଥା ପଦକରେ ଡା. ମେହେଟ୍ଟା ସ୍ତମ୍ଭୀଭୂତ ହୋଇଗଲେ । ନିଜର ସତ୍ତା ଭୁଲିଗଲେ କିଛିକ୍ଷଣ ପାଇଁ। ତାଙ୍କ ମନରେ ଆସୁନଥିଲା ଯେ ଏହାର ଉତ୍ତର ସେ କ'ଣ ଝିଅଟିକୁ ଦେବେ ! ତା'ପରେ ଅପରେସନ ଥିଏଟର ଆଡ଼କୁ ପାଦ ବଢ଼ାଇଲେ ଡାକ୍ତର। ଅପରେସନ ଆରମ୍ଭ ହେଲା । କ୍ଲଟିଂ ଯୋଗୁଁ ରକ୍ତ ହୃଦୟକୁ ପ୍ରସରି ଯାଉନଥିଲା । ୪୫ ମିନିଟ ଅତିବାହିତ ହୋଇଥିଲା। ଆଉ ସବୁକିଛି କରି ସାରିଲା ପରେ ଡାକ୍ତର ମେହେଟ୍ଟା ତାଙ୍କ ସାଥୀ ଓ ଅନ୍ୟାନ୍ୟ ଡାକ୍ତରଙ୍କୁ କହିଲେ ଯେ ନା ଆଉ କିଛି ହେବନି । ପରେ ପରେ ତାଙ୍କ ମନକୁ ସେଇ ଝିଅଟିର କଥାଟି ବାରମ୍ବାର ଆଘାତ କଲା । ସେ ନିଜକୁ ଦୋଷୀ ବୋଲି ଭାବୁଥିଲେ । ସେ ଚାଲିଯାଉଥିଲେ ଯେତେବେଳେ ଏଇ କଥାକୁ ମନେ ପକାଇଲେ, ଠିକ୍ ସେତିକିବେଳେ ଅନ୍ୟ ଜଣେ ସାଥି ଡାକ୍ତର କହିଲେ ତା' ହାର୍ଟରୁ ଏବେ ରକ୍ତ ନିର୍ଗତ ହେଲାଣି । ଏହା ସତରେ ଏକ ବାସ୍ତବିକ ଘଟଣା । ଏମିତି କ'ଣ କିଛି ହେଲା ଯେମିତି ବଡ଼ ଚମତ୍କାରିତା ! ଡାକ୍ତର ତା'ର ପିତାମାତାଙ୍କୁ ସିଧା ମନା କରିଦେଇଥିଲେ । ପୁନରାୟ ଅପରେସନ ଟେବୁଲ ପାଖକୁ ସମସ୍ତଙ୍କୁ ଡାକିଲେ। ଆରମ୍ଭ କଲେ ତାଙ୍କର କାର୍ଯ୍ୟ । ଶେଷରେ ଅପରେସନ ସଫଳ ହେଲା । ଝିଅଟିର ହାର୍ଟ ସଂପୂର୍ଣ୍ଣ ଭାବରେ ଚାଲିଲା । ଏବେ ସେ ଶାନ୍ତିପୂର୍ଣ୍ଣ ଜୀବନ କାଟୁଛି । ଅପରେସନ ପରେ ପରେ ଯେବେ ସେ ଝିଅ ପାଖକୁ ଭଲମନ୍ଦ ବୁଝିବାକୁ ଗଲେ, ସେ ଭାବିନଥିଲେ କି ଝିଅଟି ତାଙ୍କୁ କ'ଣ ପଚାରିବ ? କିନ୍ତୁ ସେ କହିଲେ– "ଈଶ୍ୱରଙ୍କୁ ଖୋଜିବାକୁ ଚେଷ୍ଟା କରନାହିଁ । ଈଶ୍ୱରଙ୍କୁ କେବେ ଖୋଜଯାଏ ନାହିଁ ।" ମୋତେ ଏହି ଅପରେସନରୁ ହିଁ ମହାଶିକ୍ଷା ମିଳିଲା । ତାଙ୍କ ଉପରେ ବିଶ୍ୱାସ ରଖ ଆଉ ସେ ତୁମକୁ ସାହାଯ୍ୟ କରିବେ । ଏକଥା ଶୁଣିଲା ବେଳେ ଡ. ମେହେଟ୍ଟାଙ୍କ ଆଖିରୁ ଅନର୍ଗଳ ଅଶ୍ରୁ ବହିବାରେ ଲାଗିଥିଲା । ସେ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ ୪୦ବର୍ଷର ଦୀର୍ଘ ସାଧନା ଓ ଅଭିଜ୍ଞତା ଏହି ମହତ୍ତ୍ୱପୂର୍ଣ୍ଣ କଥାଟି ସେଇ ସାମାନ୍ୟ ଝିଅଟି ଶିଖାଇଦେଲା । ସେ ହଜାର ହଜାର ହୃଦୟ ଖୋଲି ତନ୍ନତନ୍ନ କରି ଦେଖିଛନ୍ତି, କିନ୍ତୁ ଏଇ ସାମାନ୍ୟ ଘଟଣାଟି ତାଙ୍କ ହୃଦୟକୁ ଖୋଲି ପକାଇଲା । ଭଗବାନ ଅଛନ୍ତି–ଯାହାଙ୍କ ନାମ ସ୍ମରଣ କରି ହଜାର ହଜାର ହୃଦରୋଗୀଙ୍କୁ ସେ ଭଲ କରିପାରୁଛନ୍ତି । ଭଗବାନ ନାହାନ୍ତି ବୋଲି କିଏ କହିଲା ?

E/50. Sector.. 7.CDA.,
Cuttack
୧୪.୯୪୩୭୭୨୮୪୭୫(m)

# ପ୍ରକୃତି ଆଗରେ ଆଜି ମଣିଷ,ବିଜ୍ଞାନ ଓ ଶ୍ରମିକ ଅସହାୟ



ଉମା ଶଙ୍କର ପ୍ରସାଦ

ଏକବିଂଶ ଶତାବ୍ଦୀର ପାଦଦେଶରେ ଉପନୀତ ମନୁଷ୍ୟ ଓ ବିଜ୍ଞାନ ଆଜି ଅସହାୟ। ବିଜ୍ଞାନ ଯଦିଓ ଉନ୍ନତିର ଚରମସୀମାରେ ପହଂଚିଛି ତଥାପି ତାର ବୁଦ୍ଧି, ଜ୍ଞାନ ଓ କୌଶଳ ପ୍ରକୃତି ପାଖରେ ହାରିଯାଇଛି। ଯଦି ଆମେ ଅତିତକୁ ଅନୁଧ୍ୟାନ କରିବା ତେବେ ଏହା ସ୍ପଷ୍ଟ ଅନୁମେୟ ହୁଏଯେ ପ୍ରକୃତିର କରାଳ ରୂପକୁ ମଣିଷ ସୁନାମୀ,ଭୂମିକମ୍ପ,ମହାବାତ୍ୟା ଓ ମହାମାରୀର ବିଭିନ୍ନ ରୂପରେ ଦେଖିସାରିଛି। ଜନ୍ମ ଓ ମୃତ୍ୟୁର ଚିରନ୍ତନ ସତ୍ୟ ମଧ୍ୟରେ ମଣିଷ ଯେତେ ଶକ୍ତିଶାଳୀ ହୋଇଥିଲେ ମଧ୍ୟ ପ୍ରକୃତି ଦ୍ୱାରା ସୃଷ୍ଟି କରୋନାର ବିଭୀଷିକାକୁ ସାମନା କରିବାରେ ବିଫଳ ହୋଇଛି। ସନ୍ଥ ତୁଳସୀ ନିଜ ରଚିତ ଗ୍ରନ୍ଥ "ରାମ ଚରିତ ମାନସରେ"ସ୍ପଷ୍ଟ ଭାବେ ଲେଖିଛନ୍ତି ହାନୀ, ଲାଭ, ଯଶ ଅପଯଶ, ଜୀବନ ମରଣ ଏହି ଛଅ ଟି କୁ ବିଧି ତା ହାତରେ ରଖିଛି କାରଣ ମଣିଷ ଯଦି ଏହି ୬ଟି ବ୍ୟବସ୍ଥାକୁ ନିୟନ୍ତ୍ରିତ କରୁଥାନ୍ତା ଆଜି ଏ ସମାଜରେ ଅନ୍ୟାୟ, ଅତ୍ୟାଚାରର ପ୍ରାବଲ୍ୟ ଚରମ ସୀମାରେ ପହଂଚି ଥାନ୍ତା। ପ୍ରକୃତି ପ୍ରଦତ୍ତ କରୋନାର ଦ୍ୱିତୀୟ ଲହର ପ୍ରଥମ ଠାରୁ ନିଜର ସ୍ୱରୂପ ବଦଳାଇଥିଲା ବେଳେ ତାକୁ ନିରିକ୍ଷଣ କରିବା ପୂର୍ବରୁ ଅସହାୟ ମଣିଷ ଏପରିକି ଏହାକୁ ପ୍ରତିରୋଧ କରିବାର ପାଠ ଯେଉଁ ଡାକ୍ତର ମାନଙ୍କ ପାଖରେ ଅଛି ସେମାନେ ମଧ୍ୟ ଚୁମ୍ବକ ଭଳି ଟାଣିହୋଇ ପ୍ରକୃତି କୋଳରେ ଚିରନିଦ୍ରାରେ ଶୋଇ ଯାଉଚନ୍ତି। ଏହି କରୋନା ଯୁଦ୍ଧରେ ପ୍ରତ୍ୟେକଟି ମଣିଷ ଏକ ଅଦୃଶ୍ୟ ଶକ୍ତି ବିରୁଦ୍ଧରେ ଅହରହ ସଂଗ୍ରାମ କରିବା ସହ ଏହାକୁ ପ୍ରତିରୋଧ କରିବା ପାଇଁ ବିଭିନ୍ନ ପନ୍ଥା ଆପଣେଇ ଥିଲେ ସୁଦ୍ଧା ନିଜକୁ ବଂଚାଇବାରେ ଅକ୍ଷମତା ପ୍ରକାଶ ପାଇଥିଲେ ମଧ୍ୟ ଅହରହ ସଂଗ୍ରାମ ଯାରି ରଖିଛି।

ଭାରତରେ ପୂର୍ବରୁ ଡବଲମ୍ୟୁଟାଣ୍ଟ କରୋନା ଭାଇରସ ଚିହ୍ନଟ ହୋଇଥିବା ବେଳେ ବର୍ତ୍ତମାନ ମହାରାଷ୍ଟ୍ର, ଦିଲ୍ଲୀ, ପଶ୍ଚିମବଙ୍ଗ, ଛତିଶଗଡ ଇତ୍ୟାଦି ରାଜ୍ୟ ମାନଙ୍କରୁ ସଂଗୃହିତ ନମୁନାରେ ଟ୍ରିପଲ୍ ମ୍ୟୁଟାଣ୍ଟ ଷ୍ଟ୍ରେନ ଚିହ୍ନଟ ହୋଇଛି। ଫଳରେ ସଂକ୍ରମଣ ବ୍ୟାପୁଅଛି ବୋଲି ବିଶେଷଜ୍ଞ ମାନେ ମତ ଦେଇଛନ୍ତି। ବିଶେଷଜ୍ଞ ମାନଙ୍କ ମତରେ ଡବଲ୍ ମ୍ୟୁଟାଣ୍ଟ ଯୋଗୁ କରୋନା ଭାଇରସ୍ ଲମ୍ବା ସମୟ ପର୍ଯ୍ୟନ୍ତ ନିଜକୁ ପ୍ରଭାବ ଶାଳୀ ରଖିବା ପାଇଁ ନିଜର ଜେନେଟିକ୍ ଚରିତ୍ର ବଦଳାଇବା ବେଳେ ଟ୍ରିପଲ ମ୍ୟୁଟାଣ୍ଟ ସଂକ୍ରମଣର ମାରାତ୍ମକ ଦିଗଟି ଚିନ୍ତାର କାରଣ ହୋଇଛି। ଏହି ରୋଗ ବାୟୁ ପ୍ରବାହ ଦ୍ୱାରା ସଂକ୍ରମିତ ହେବାର ମତ ପ୍ରକାଶ ପାଇଛି। ଆମ ଦେଶ ଏହାକୁ ରୋକିବା ପାଇଁ ସଟ୍‌ଡାଉନ, ଲକ୍‌ଡାଉନ୍ ପ୍ରଥା ଆପଣେଇଚି। ଏହା ସତ୍ତ୍ୱେ ଆମକୁ ସଚେତନ ହେବାସହ ନିଜର ଇଚ୍ଛାଶକ୍ତି, ମନୋବଳ କୁ ଦୃଢ ବିଶ୍ୱାସର ସହ ସଂକଳ୍ପ ଓ ସମର୍ପଣର ଭାବନେଇ ଭବିଷ୍ୟତକୁ ଆଗେଇବାକୁ ହେବ। ଦେଶରେ ଏହି କରୋନା ପ୍ରଭାବରେ ବିଭିନ୍ନ ଶିକ୍ଷାନୁଷ୍ଠାନ ସାଙ୍ଗକୁ କଳ କାରଖାନା,ବାଣିଜ୍ୟ ପ୍ରତିଷ୍ଠାନ ଇତ୍ୟାଦି ଦୀର୍ଘସମୟ ଧରି ବନ୍ଦ ରହିବାରୁ ଶିକ୍ଷା, ଶ୍ରମ ଓ ଆର୍ଥିକ ସ୍ଥିତି ଆଜି ଦୋହଲି ଯାଇଛି। ପ୍ରବାସୀ ଶ୍ରମିକ ମାନଙ୍କ ଦୁର୍ଦ୍ଦଶା କହିଲେ ନସରେ। ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାର ଶ୍ରମିକ ମାନଙ୍କ ସମସ୍ୟା ସୁଧାରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ବିଶ୍ୱ ଅର୍ଥନୀତି ଫୋରମର ଆକଳନ ଅନୁଯାୟୀ ୧୩୯ ମିଲିୟନ ପ୍ରବାସୀ ଶ୍ରମିକ ଦେଶରେ ଥିବାବେଳେ ( ଆନ୍ତର୍ଦେଶୀୟ ଶ୍ରମ ସଂଗଠନ) ଆକଳନ ଅନୁସାରେ ୪୦୦ ମିଲିୟନ ଶ୍ରମିକ କରୋନା ମହାମାରୀ ଓ ତାଲାବନ୍ଦ ଯୋଗୁ ଦାରିଦ୍ର୍ୟ ମଧ୍ୟକୁ ଆଗକୁ ଠେଲି ହୋଇଯିବାର ସମ୍ଭାବନାକୁ ଏଡାଇ ଦିଆ ନଯାଇପାରେ। ଭାରତର ବିଭିନ୍ନ ରାଜ୍ୟରେ ଅନେକ ଶ୍ରମିକ ମୁମ୍ବାଇ, ଚେନାଇ ଓ ଦିଲ୍ଲୀ ସହରରେ ପେଟ ପୋଷିବା ପାଇଁ ପଡି ରହିଛନ୍ତି। ସେମାନେ ଦିନ ମଜୁରିଆ ଭାବେ ବିଭିନ୍ନ ଉତ୍ପାଦନ ଶିଳ୍ପ ଓ ନିର୍ମାଣ ସଂସ୍ଥାରେ ନିଯୁକ୍ତି ପାଇଥାନ୍ତି। ଏବଂ ସେମାନ ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ, ବାସଗୃହ ଓ ଅନ୍ୟାନ୍ୟ ସୁବିଧାରୁ ବଞ୍ଚିତ ହୋଇଥାନ୍ତି। ନିଯୁକ୍ତି ସଂସ୍ଥାର ଦୟାରେ ଏମାନଙ୍କୁ ବଂଚିବାକୁ ପଡିଥାଏ। ଓଡିଶା,ଝାଡଖଣ୍ଡ ଓ ଛତିଶଗଡ ରାଜ୍ୟର ପ୍ରବାସୀମାନେ ବେଶୀ ହଇରାଣର ସମ୍ମୁଖୀନ ହେଉଥିବାର କଥାକୁ ରୟାଲ ଜିଓଗ୍ରାଫିକାଲ ସୋସାଇଟିର ତଥ୍ୟ କହେ। ଏମାନେ ଦଳିତ ଆଦିବାସୀ ଶ୍ରେଣୀର ଶ୍ରମିକ ହୋଇଥିବାରୁ ସ୍ୱଳ୍ପ ବେତନରେ ନିଜର ପରିବାର ପ୍ରତିପୋଷଣ କରିବାକୁ ଅକ୍ଷମ ହେବାରୁ ସେମାନେ ବଧ୍ୟହୋଇ ବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି। ଏହି କରୋନାର ପ୍ରକୋପ ଯୋଗୁ ବଡ ବଡ ସହରରେ ତାଲାବନ୍ଦ ଯୋଗୁ ସେମାନେ ସେମାନଙ୍କର ଜୀବନ-ଜୀବିକାର ପ୍ରଶ୍ନ ସହ ପ୍ରାଣ ବଞ୍ଚାଇବା ପାଇଁ ନିଜ ଜନ୍ମମାଟିକୁ ଫେରିବା ପାଇଁ ଇଛା ପ୍ରକାଶ କରିଥାନ୍ତି। ବର୍ତ୍ତମାନ ବିଶେଷଜ୍ଞ ମାନଙ୍କର ଆକଳନ ଅନୁଯାୟୀ ଚଳିତ ଜୁନ ମାସର ପ୍ରଥମାର୍ଦ୍ଧରେ ଏହି ମହାମାରୀ ଶୀର୍ଷସୀମା ଛୁଇଁବା ସହ ତୃତୀୟ ଲହରର ପ୍ରକୋପ ଜୁଲାଇ ମାସର ତୃତୀୟ ସପ୍ତାହ ଭିତରେ ଦେଖାଯିବ। ତେଣୁ ଜୀବନ ଜୀବିକା ପାଇଁ ତାଲାବନ୍ଦକୁ ଶେଷ ବିକଳ୍ପ ଭାବେ ଗ୍ରହଣ କରିବା ସହ ଟିକାକରଣ ପ୍ରକ୍ରିୟା ଉପରେ ବିଶେଷ ଗୁରୁତ୍ୱ ଦେବା ପାଇଁ ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ମହାମାରୀର ଦ୍ୱିତୀୟ ଲହର ସମସ୍ତଙ୍କୁ ବ୍ୟତିବ୍ୟସ୍ତ କରୁଥିଲେ ମଧ୍ୟ ଏହାର ପ୍ରଭାବରୁ ମୁକ୍ତି ପାଇବା ପାଇଁ ଏହା ଆମକୁ ମାସ୍କ ପିନ୍ଧିବ. ସାମାଜିକ ଦୂରତ୍ୱ ବଜାୟ ରଖିବା ଓ ବୈଜ୍ଞାନିକ ମାନଙ୍କର ଏହି ରୋଗର ପ୍ରତିଷେଧକ ଟିକା ଉଦ୍ଭାବନ ଇତ୍ୟାଦି ଶିକ୍ଷା ଦେଇଛି। ବର୍ତ୍ତମାନ କରୋନା ପ୍ରଭାବରେ ତାଲାବନ୍ଦ ଯୋଗୁ କ୍ଷୁଦ୍ର,ମଧ୍ୟମ ଓ ଅଣୁ ଅନୁଷ୍ଠାନ ଗୁଡିକ ବନ୍ଦ ହୋଇଥିବା ଯୋଗୁ ଲକ୍ଷ ଲକ୍ଷ ଶ୍ରମିକ କାମରୁ ବଂଚିତ ହେବାସହ ଦରମା ମଧ୍ୟ ପାଇ ପାରୁନାହାନ୍ତି। ବହୁ କୋଟିଟଙ୍କାର କ୍ଷତି ଯୋଗୁ ଶ୍ରମିକ ମାନଙ୍କର ଜୀବନଧାରଣ ଓ ଶିଳ୍ପାନୁଷ୍ଠାନ ଗୁଡିକର ପୁନରୁଦ୍ଧାର ପାଇଁ ସରକାରୀ ପ୍ୟାକେଜ ସହ ଅନ୍ୟାନ୍ୟ ଆନୁସାଙ୍ଗିକ ସହାୟତା ପାଇଁ ଶିଳ୍ପ ପ୍ରତିଷ୍ଠାନ ସଙ୍ଘ ଦାବିକଲେଣି। ଭାରତ ଭଳି ଜନବହୁଳ ଦେଶରେ କୃଷି,ଶିଳ୍ପ,ବାଣିଜ୍ୟଓ ପରିବହନ ଆଦି ସଂସ୍ଥା ମାନଙ୍କରେ କୋଟି କୋଟି ଶ୍ରମିକ / କର୍ମଚାରୀ ଆର୍ଥିକ ଦୃଷ୍ଟିରୁ ପ୍ରଭାବିତ ହେଉଛନ୍ତି। ତେଣୁ ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାର ଯଥାଶୀଘ୍ର ଏମାନଙ୍କ ଜୀବନ ଜୀବିକାର ସୁରକ୍ଷାପ୍ରତି ଧ୍ୟାନଦେବାସହ ଏମାନଙ୍କର କର୍ମସଂସ୍ଥାନ,କର୍ମନିଯୁକ୍ତି ଓ ରୋଜଗାରକୁ ଧ୍ୟାନ ଦେବା ଦରକାର ନଚେତ ଏମାନେ ପ୍ରକୃତିର ଏହି ମହାମାରୀର ଶିକାର ହେବା ଆଗରୁ ନିଜ କର୍ମ ସଂସ୍ଥାନ ହରାଇ ଆଉ ମୃତ୍ୟୁକୁ ଆଦରି ନନିଅନ୍ତୁ।

ଖୋର୍ଦ୍ଧା
ମୋ :୬୩୭୦୬ ୭୫୫୬୨




# ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୬୭୪ କୁ ବୃଦ୍ଧି

ପାରଳାଖେମୁଣ୍ଡି, (ପିଏନ)- ଗଜପତି ଜିଲ୍ଲାରୁ ଆଜି ନୂଆ ୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୬୭୪ କୁ ବୃଦ୍ଧି । ୬୨୫ ନମୂନା ସଂଗ୍ରହ ପରେ ର୍ୟାପିଡ୍ ଆଂଟିଜେନ ଓ ଆରଟି-ପିସିଆର ଟେଷ୍ଟ କରାଯାଇଥିଲା । ଏହି ପରୀକ୍ଷାରୁ ୬ଟି ରିପୋର୍ଟ ପଜିଟିଭ୍ ଆସିଥିଲା । ଅନ୍ୟ ୩ ଜଣ ଜିଲ୍ଲା ବାହାରେ ହସ୍ପିଟାଲରେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।

ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲ / କୋଭିଡ୍ କେୟାର ସେଂଟରରେ ଭର୍ତି କରାଯାଇଛି । ସାମାନ୍ୟ ଆକ୍ରାନ୍ତ ମାନଙ୍କୁ ହୋମ୍ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯାଇଛି ।

ନୂଆ ଚିହ୍ନଟ ଏହି ୯ ଆକ୍ରାନ୍ତଙ୍କ ମଧ୍ୟରେ ୬ ଜଣ ପୁରୁଷ ଓ ୩ ଜଣ ମହିଳା ରହିଛନ୍ତି । ଏମାନଙ୍କର ବୟସ ୨୧ ବର୍ଷରୁ ୫୩ ବର୍ଷ ମଧ୍ୟରେ ରହିଛି । ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡି ପୌରାଚଂଳରୁ ୨ ଜଣ, ମୋହନା ବ୍ଲକରୁ ୨ ଜଣ, ରାୟଗଡ଼ ବ୍ଲକରୁ ୨ ଜଣ ରହିଛନ୍ତି। ଏହା ବ୍ୟତୀତ ଜିଲ୍ଲା ବାହାରେ ୨ ଜଣ ଏବଂ ଆନ୍ଧ୍ରପ୍ରଦେଶର ଜଣେ ରହିଛନ୍ତି। ଘରକୁ ଘର ବୁଲି ମେଡ଼ିକାଲ ଟିମ୍ ର ସର୍ଭେଲାନ୍ସ ବେଳେ ସମସ୍ତ ୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ଜିଲ୍ଲା ବାହାରେ ହସ୍ପିଟାଲରେ ଅନ୍ୟ ୩ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏହା ବ୍ୟତୀତ ଆକ୍ରାନ୍ତଙ୍କ ମଧ୍ୟରେ ଜଣେ କୋଭିଡ୍ ଯୋଦ୍ଧା ରହିଛନ୍ତି ।

ସେହିପରି ଅଦ୍ୟାବଧି ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨୩ ରହିଛି । ଜଣକର ଅନ୍ୟ କାରଣରୁ ମୃତ୍ୟୁ ଘଟିଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜାରୀ କରାଯାଇଥିବା ପ୍ରେସ୍ ବିଜ୍ଞପ୍ତିରୁ ସୂଚନା ମିଳିଛି ।

# ପଶ୍ଚିମ ଓଡିଶା ବିକାଶ ପରିଷଦକୁ ସ୍ୱୟଂଶାସିତ କରାଯାଉ

ଭୁବନେଶ୍ୱର, (ପିଏନ)-ଦୀର୍ଘ ୨୦ ବର୍ଷ ଧରି ଶାସକ ବିଜେଡି ପଶ୍ଚିମ ଓଡିଶା ବିକାଶ ପରିଷଦର ପାଣ୍ଠିକୁ ଦଳୀୟ ପାଣ୍ଠି ଭାବେ ବ୍ୟବହାର କରିଆସୁଛି । ଅନ୍ୟପଟେ ଦଳୀୟ ଲୋକଙ୍କୁ ଥଇଥାନ କରିବା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ସଦସ୍ୟମାନଙ୍କୁ ନିଯୁକ୍ତ କରାଯାଉଛି । ସିଏଜି ରିପୋର୍ଟ ଅନୁଯାୟୀ ପଶ୍ଚିମ ଓଡିଶାର ବିକାଶ ଯେଉଁଭଳି ହେବା କଥା ସେପରି ହୋଇନାହିଁ । ବିଜେପୁର ଉପନିର୍ବାଚନ ସମୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶାର ଦାୟିତ୍ୱ ନେବେ ବୋଲି କହିବା ସହ ଗଙ୍ଗାଧର ମେହେର ଜଳସେଚନର ସ୍ୱପ୍ନ ଦେଖାଇ ଧୋକ୍କା ଦେଇଛନ୍ତି ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଏବଂ ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୁରୋହିତ କହିଛନ୍ତି ଯେ, ସିଏଜି ରିପୋର୍ଟ ରାଜ୍ୟ ସରକାରଙ୍କ ମୁଖା ଖୋଲିଦେଇଛି । ରାଜ୍ୟସରକାର ଜାଣିଶୁଣି ପଶ୍ଚିମ ଓଡିଶା ବିକାଶରେ ବାଧକ ସାଜିଛନ୍ତି । ୨୦୧୩ରେ ପଶ୍ଚିମ ଓଡିଶାରେ ଜଳସେଚନ କ୍ଷେତ୍ରକୁ ଅଗ୍ରାଧୀକାର ଦେବା ପାଇଁ ନିଷ୍ପତି ହୋଇଥିବାବେଳେ ୨୦୧୫-୧୮ ଭିତରେ ମାତ୍ର ୧୧.୮୦ ପ୍ରତିଶତ ଅର୍ଥ ଜଳସେଚ କ୍ଷେତ୍ରରେ ଖର୍ଚ୍ଚ ହୋଇଛି । ଏମପି ଓ ଏମଏଲଏ ଲ୍ୟାଡ ପାଣ୍ଠିରୁ ଟଙ୍କା ପାଇବାକୁ ଯୋଗ୍ୟଥିବା ୧୯୩ଟି ଘରୋଇ ଶିକ୍ଷାନୁଷ୍ଠାନକୁ ୨୦୧୪-୧୮ ମଧ୍ୟରେ ବିକାଶ ପରିଷଦ ବେନିୟମ ଭାବେ ୯.୧୧ କୋଟି ଟଙ୍କା ପ୍ରଦାନ କରିଛି । ୧୯୯୧ ମସିହା ଘଡେଇ କମିଟି ରିପୋର୍ଟ ଆନୁଯାୟୀ ପଶ୍ଚିମ ଓଡିଶା ବିକାଶ ପରିଷଦ ଅନ୍ତର୍ଗତ ୮୯ଟି ବ୍ଲକ ମଧ୍ୟରୁ ୩୪ଟି ବ୍ଲକ ଅତ୍ୟନ୍ତ ପଛୁଆ ଏବଂ ୨୫ଟି ବ୍ଲକ ପଛୁଆ ରହିଥିଲା । ଏହି ବ୍ଲକ ଗୁଡିକର ବିକାଶ ପାଇଁ ୨୦୧୩ରେ ରାଜ୍ୟସରକାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏଗୁଡିକର ବିକାଶ ହୋଇ ପାରିଲା ନାହିଁ। ୨୦୧୬-୧୮ ମସିହା ଭିତରେ ପରିଷଦ ୪୦୯.୭୨ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଥିବାବେଳେ ସେଥିମଧ୍ୟରୁ ୪୫ ପ୍ରତିଶତ ଅର୍ଥାତ୍ ୧୮୩.୪୧ କୋଟି ବିକାଶଶୀଳ ଓ ବିକଶିତ ବ୍ଲକଗୁଡିକୁ ପ୍ରଦାନ କରାଯାଇଥିଲା । ଏବେ ସୁଦ୍ଧା ପ୍ରାୟ ୪.୧୩ କୋଟି ଟଙ୍କା ବିନିଯୋଗରେ ସଂପୂର୍ଣ୍ଣ ହୋଇଥିବା ଅନେକ ଅନୁଷ୍ଠାନ ବ୍ୟବହୃତ ହୋଇପାରୁନାହିଁ ।ପଶ୍ଚିମ ଓଡିଶା ବିକାଶ ପରିଷଦ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନଥିବା ଯୋଗୁଁ ରାଜ୍ୟସରକାର ଏହାକୁ ନିଜ ନିୟନ୍ତ୍ରଣରେ ନରଖି ଦାର୍ଜିଲିଂ ଗୋରଖା ହିଲ କାଉନସିଲ ଭଳି ଏହାକୁ ସ୍ୱୟଂଶାସିତ ମାନ୍ୟତା ଦେବା ସହ ଦଳମତ ନିର୍ବିଶେଷରେ ପଶ୍ଚିମ ଓଡିଶାର ଅନୁଦାନକୁ ପ୍ରତିବର୍ଷ ୧ ହଜାର କୋଟିକୁ ବୃଦ୍ଧି କରିବାକୁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି ।

ପଶ୍ଚିମ ଓଡିଶା ବିକାଶ ପରିଷଦକୁ ଥଇଥାନର କେନ୍ଦ୍ର ନକରି ଯେଉଁମାନେ ପଶ୍ଚିମ ଓଡିଶାର ବିକାଶ ଧାରାକୁ ଆଗକୁ ନେଇପାରିବେ ସେଭଳି ବ୍ୟକ୍ତିବିଶେଷଙ୍କୁ ଅଧ୍ୟକ୍ଷ କରିବା ପାଇଁ ରାଜ୍ୟସରକାର ପଦକ୍ଷେପ ଗ୍ରହଣ କରନ୍ତୁ । ସେହିପରି ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟକୁ ପଶ୍ଚିମ ଓଡିଶାର ଯେ କୌଣସି ସ୍ଥାନରେ କରିବା ପାଇଁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଠାକୁର ରଂଜିତ ଦାସ ଉପସ୍ଥିତ ଥିଲେ ।

# ବିଧାନସୌଧର କମ୍ପ୍ୟୁଟରୀକରଣ ସଂପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, (ପିଏନ)-ଓଡିଶା ବିଧାନସୌଧ କମ୍ପ୍ୟୁଟରୀକରଣ ସଂପର୍କିତ ଏକ ସମୀକ୍ଷା ବୈଠକ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ତାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି ।

ବୈଠକ ପ୍ରାରମ୍ଭରେ ପ୍ରିଂଟ ଲିଙ୍କସ୍ ର ପରିଚାଳନା ନିର୍ଦ୍ଦେଶକ ଜଣାଇଥିଲେ ଯେ ବିଧାନ ସୌଧର ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂ କାର୍ଯ୍ୟ ସମାପ୍ତ ହୋଇଛି। ଇଂଟରନେଟ୍ ବେଗ ୧୦୦ ଏମ୍‌ବିପିଏସ୍ କୁ ବୃଦ୍ଧି ସଂପର୍କିତ ଆନୁମୋଦନ ଲାଭ ନିମନ୍ତେ ଏନ୍‌ଆଇସି, ନୂଆଦିଲ୍ଲୀକୁ ପତ୍ରପ୍ରେରଣ କରିବେ ବୋଲି ଜାତୀୟ ସୂଚନାବିଜ୍ଞାନ କେନ୍ଦ୍ର(ଏନ୍‌ଆଇସି)ର ବୈଷୟିକ ନିର୍ଦ୍ଦେଶକ ଜଣାଇଥିଲେ । ଉନ୍ନତ ସେବା ନିମନ୍ତେ ଲାନ୍ ସଂରଚନାରେ ଦୁଇଟି ସୁଇଚ୍ ପରିବର୍ତନ କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତି ନିଆଯାଇଛି।

ବିଧାନସୌଧରେ ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂର ରକ୍ଷଣାବେକ୍ଷଣ ପାଇଁ ବିଏସ୍‌ଏନ୍‌ଏଲ୍ ଦ୍ୱାରା ନିୟୋଜିତ ଦୁଇଜଣ ଇଂଜିନିୟର ବିଧାନସଭା ସଚିବାଳୟର ଉପସଚିବ (ସ୍ଥାପନା)ଙ୍କ ସହିତ ଯୋଗାଯୋଗରେ ରହିବାକୁ ବାଚସ୍ପତି ଡ. ପାତ୍ର ନିର୍ଦ୍ଦେଶ ଦେଇଥିଲେ। ବିଧାନସୌଧରେ ଓସ୍ୱାସ୍ କାର୍ଯ୍ୟକ୍ଷମ କରିବାକୁ ୩୨୯ ପଏଂଟରେ ଲାନ୍ ସଂଯୋଗ ଦିଆଯାଇଛି । ବିଧାୟକ ଓ କର୍ମଚାରୀମାନଙ୍କୁ ଖୁବ୍ ଶୀଘ୍ର ଏ ସଂପର୍କିତ ତାଲିମ ପ୍ରଦାନ କରାଯିବ। ବିଧାନସଭାର ନୂତନ ସମ୍ମିଳନୀ କକ୍ଷରେ ଭିଡ଼ିଓ ୱାଲିଂ ସ୍ଥାପନ ନିମନ୍ତେ ବ୍ୟୟ ଅଟକଳ ପ୍ରଦାନ କରିବାକୁ ଓକାକ୍, ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର(ଓକାକ୍)ର ସାଧାରଣ ପରିଚାଳକ ଓ ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକଙ୍କୁ ବାଚସ୍ପତି ଡ. ପାତ୍ର କହିଥିଲେ ।

ଓଡ଼ିଶା ନଲେଜ୍ କର୍ପୋରେସନ୍(ଓକେସିଏଲ୍) ସମସ୍ତ ପ୍ରକାର ବୈଷୟିକ କମ୍ପ୍ୟୁଟରୀକୃତ ତାଲିମ କାର୍ଯ୍ୟକ୍ରମ ପ୍ରଦାନ କରୁଛି ବୋଲି ଓକାକ୍ ର ସାଧାରଣ ପରିଚାଳକ ସୂଚନା ଦେଇଥିଲେ ତେଣୁ ବିଧାୟକମାନଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ଓ ବିଧାନସଭା କର୍ମଚାରୀମାନଙ୍କୁ ଓସ୍ୱାସ୍ ତାଲିମ ପ୍ରଦାନ କରିବା ପାଇଁ ଓକେସିଏଲ୍ କୁ ନିୟୋଜିତ କରାଯାଇପରିବ ।

ଏହି ବୈଠକରେ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ, ଓକାକ୍‌ର ସାଧାରଣ ପରିଚାଳକ (ପ୍ରଶାସନ), ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକ, ବିଏସ୍‌ଏନ୍‌ଏଲ୍‌ର ଉପଖଣ୍ଡ ଯନ୍ତ୍ରୀ ଏବଂ ପ୍ରିଟଲିଙ୍କର ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ରହି ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ ।

# ୮୭୯୬ କୋଟି ଟଙ୍କାର ୧୨ଟି ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପିଏନ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜ୍ୟରେ ୧୨ଟି ଭିନ୍ନ ଭିନ୍ନ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ (ଦୁଇଟିର ଉଦ୍‌ଘାଟନ ଓ ୧୦ଟିର ଶିଳାନ୍ୟାସ) କରିଛନ୍ତି । ସ୍ୱାସ୍ଥ୍ୟସେବା, ବିକଳ୍ପ ଶକ୍ତି, ଇସ୍ପାତ, ସୂଚନା ପ୍ରଯୁକ୍ତି, ସିମେଂଟ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୮ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଓ ୪ଟି ବୃହତ ଶିଳ୍ପ ଏଥିରେ ଅନ୍ତର୍ଭୁକ୍ତ । ଏହି ୧୨ଟି ଶିଳ୍ପସଂସ୍ଥା ନିମନ୍ତେ ସମୁଦାୟ ୮୭୯୬.୬୧ କୋଟି ଟଙ୍କା ବିନିଯୋଗ କରାଯିବ ଓ ଏଥିରେ ୭୦୯୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ଉଦଘାଟିତ ହୋଇଥିବା ୨ ଟି ପ୍ରକଳ୍ପ ହେଉଛି ଯାଜପୁର ହରିଦାସପୁର ଠାରେ ରାମକୋ ସିମେଂଟ ଲିମିଟେଡ୍ ର ସିମେଂଟ ଗ୍ରାଇଣ୍ଡିଂ ପ୍ଲାଂଟ ଏବଂ ବରଗଡର ବିଜେପୁର ଠାରେ ୨୫ କିଲୋୱାଟ୍ ଦକ୍ଷତା ବିଶିଷ୍ଟ ଆଦିତ୍ୟ ବିର୍ଲା ଗ୍ରୁପ୍ ର ସୋଲାର ପାୱାର ପ୍ଲାଂଟ।

ମୁଖ୍ୟମନ୍ତ୍ରୀ ସମଗ୍ର ବିଶ୍ୱରେ କୋଭିଡ୍-୧୯ ପ୍ରଭାବ ବିସ୍ତାର କରିଥିବାବେଳେ ରାଜ୍ୟକୁ ପୁଞ୍ଜିନିବେଶକମାନଙ୍କ ଆକର୍ଷଣୀୟ ଲକ୍ଷ୍ୟସ୍ଥଳ ଭାବରେ ପରିଣତ କରିବାରେ ଓଡ଼ିଶା ତା'ର ପ୍ରାଧାନ୍ୟ ପ୍ରଦର୍ଶନ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ପୁନଶ୍ଚ କହିଛନ୍ତି ଯେ ସାଂପ୍ରତିକ ମାନକଗୁଡ଼ିକରୁ ରାଜ୍ୟ ଅର୍ଥନୀତି ପୂର୍ବାବସ୍ଥାକୁ ଫେରୁଥିବାର ଜଣାଯାଇଛି । ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ପୁନରୁଦ୍ଧାନ ମାର୍ଗରେ ଗତୀଶୀଳ ରହିଛନ୍ତି । ଶିଳ୍ପ କ୍ଷେତ୍ରରେ ଅଧିକ ଆସ୍ଥା ସୃଷ୍ଟି କରିବା ଦିଗରେ ଆଜି ଆରମ୍ଭ କରାଯାଇଥିବା ଶିଳ୍ପସଂସ୍ଥାଗୁଡ଼ିକ ନୂତନ ପ୍ରେରଣା ଯୋଗାଇଦେବେ ।

ମୁଖ୍ୟମନ୍ତ୍ରୀ ନୂତନ ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା କରିଥିବା କମ୍ପାନୀଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସବୁମତେ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକର ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗଗୁଡ଼ିକ ସମନ୍ୱିତ ଉଦ୍ୟମ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ, ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର, ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ବିଧାୟକ ଶ୍ରୀ ପ୍ରଣବ ବଳବନ୍ତରାୟ, ବିଧାୟିକା ରୀତାରାଣୀ ସାହୁ ଓ ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ବିଭିନ୍ନ ପ୍ରକଳ୍ପ ସ୍ଥାନରେ ଉପସ୍ଥିତ ଥିଲେ ।

ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଓଡ଼ିଶା ଶିଳ୍ପ ବିକାଶ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବିଶ୍ୱବିଦ୍ୟାଳୟ ଆଇନ ପ୍ରତ୍ୟାହାର ପାଇଁ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ରାଜ୍ୟପାଳଙ୍କୁ ଦାବୀପତ୍ର

ଭୁବନେଶ୍ୱର, (ପିଏନ)- ରାଜ୍ୟର ବହୁ କୁଳପତି, ପ୍ରଫେସର, ଅଧ୍ୟାପକ, ଛାତ୍ରଛାତ୍ରୀ ତଥା ବୁଦ୍ଧିଜୀବୀମାନଙ୍କ ପ୍ରତିବାଦକୁ ଏବଂ ମତାମତକୁ ସଂପୂର୍ଣ୍ଣ ଭ୍ରୂକ୍ଷେପ କରି ଏବଂ ସମସ୍ତ ପ୍ରକାର ଗଣତାନ୍ତ୍ରିକ ରୀତିନୀତିକୁ ସୁକୌଶଳରେ ବଳି ପକାଇ ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍-୨୦୨୦କୁ ରାଜ୍ୟ ସରକାର ବିଧାନସଭାରେ ପାରିତ କରିଛନ୍ତି। ଏହି ଅଗଣତାନ୍ତ୍ରିକ, ଛାତ୍ର ଅଧ୍ୟାପକ କର୍ମଚାରୀ ତଥା ଶିକ୍ଷା ବିରୋଧି ପଦକ୍ଷେପକୁ ଏ.ଆଇ.ଡି.ଏସ୍.ଓ ତରଫରୁ ଦୃଢ ବିରୋଧ କରାଯାଇ ଆଜି ରାଜଭବନ ସମ୍ମୁଖରେ ଏକ ବିକ୍ଷୋଭ ସଂଗଠିତ ହୋଇଥିଲା। ବିକ୍ଷୋଭ ସ୍ଥଳରୁ ରାଜ୍ୟପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇ ଏହାକୁ ତୁରନ୍ତ ରଦ୍ଦ କରିବା ସହ ପୁନଃ ସରକାରଙ୍କୁ ଫେରାଇ ଦେବାକୁ ଦାବୀ କରାଯାଇଛି।

ସୂଚନାଯୋଗ୍ୟ ଯେ, ସିନେଟ୍ ଉଚ୍ଛେଦ, ଅଧ୍ୟାପକ ନିଯୁକ୍ତି ବିଶ୍ୱବିଦ୍ୟାଳୟ ହାତରୁ କାଢିନେଇ ଓ.ପି.ଏସ୍.ସି କୁ ପ୍ରଦାନ, କୁଳପତି ଚୟନରେ ସିଣ୍ଡିକେଟ ବଦଳରେ ସରକାରୀ ପ୍ରତିନିଧି ସ୍ଥାନ ପାଇବା, ସିଣ୍ଡିକେଟର କ୍ଷମତାକୁ ସଙ୍କୁଚିତ କରି ଯୁଗ୍ମ ସଚିବ ପାହ୍ୟାର ଅଧିକାରୀଙ୍କୁ ଏହାର ସଭ୍ୟ କରିବା, ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବ୍ୟବସ୍ଥାରେ ସରକାରୀ ନିୟନ୍ତ୍ରଣ ପ୍ରତିଷ୍ଠା କରିବା, ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଇନ୍‌କୁ ବାତିଲ କରିବା ଭଳି ବହୁ ମାରାତ୍ମକ ସୁପାରିଶ ରାଜ୍ୟର ଉଚ୍ଚ ଶିକ୍ଷାର ସମାଧି ରଚନା କରିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଅନ୍ୟପଟରେ ରାଜ୍ୟ ସରକାର ସମସ୍ତ ମତାମତକୁ ଉପେକ୍ଷା କରି କରୋନା ସମୟରେ ବିଧାନସଭାରେ ଯେଭଳି ଭାବେ ଏହି ବିଲକୁ ପାରିତ କଲେ ତାହା ରାଜ୍ୟରେ ଏକ କଳା ଇତିହାସ ସୃଷ୍ଟି କରିଛନ୍ତି। ସଂଖ୍ୟାଗରିଷ୍ଠତା ବଳରେ ରାଜ୍ୟର ଜନଗଣ ପ୍ରତି ଛୁରିକାଘାତ କରିଛନ୍ତି। ଏହି ଫାସୀବାଦୀ ପଦକ୍ଷେପ ବିରୁଦ୍ଧରେ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ଦୁଇ ଦିନ ଧରି ରାଜ୍ୟବ୍ୟାପୀ ବହୁ ପ୍ରତିବାଦ ବିକ୍ଷୋଭ, ବିଲ ପୋଡି କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଇଛି ଏବଂ ଆଜି ରାଜଭବନ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏ.ଆଇ.ଡି.ଏସ୍.ଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ, ସଂପାଦକ ସୁବାସ ନାୟକ, ଉପସଭାପତି ସିର୍ଦ୍ଧାତ ରଥ, ଜୟନ୍ତ ମହାନ୍ତି, ସଂପାଦକ ମଣ୍ଡଳୀ ସଦସ୍ୟ ନସିମ ସରକାର, ଭାଗ୍ୟରବୀ ଦାସ, ସ୍ୱସ୍ତି ସଙ୍ଗିତା ଦଳାଇ, ବିନୋଦ ସେଠୀ, ତରୁଣସେନ ନାୟକ ପ୍ରମୁଖ ଛାତ୍ରନେତାମାନଙ୍କ ବିକ୍ଷୋଭରେ ସାମିଲ ହୋଇଥିଲେ। ଏହା ବିରୁଦ୍ଧରେ ରାଜ୍ୟର ଛାତ୍ର ସମାଜ, ବୁଦ୍ଧିଜୀବୀ, ସଚେତନ ନାଗରିକ ଏକଜୁଟ ହୋଇ ଆନ୍ଦୋଳନକୁ ଜୋରଦାର କରିବାକୁ ବିକ୍ଷୋଭ ସ୍ଥଳରୁ ଛାତ୍ରନେତାମାନେ ନିବେଦନ କରିଥିଲେ।

## ପାଂଚ ଜଣ ଛୁଆଙ୍କୁ ନେଇ ଦୁର୍ଦ୍ଦିନ ଚଳୁଛନ୍ତି କାଂଚନ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ମହେଶ୍ୱରପୁର ଗାଁର କାଂଚନ ଖରା । ସ୍ୱାମୀ ଗୁପ୍ତ ଖରାଙ୍କ ବିୟୋଗ ପରେ ୫ଜଣ ଛୁଆଙ୍କୁ ନେଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି କାଂଚନ । ୬ପ୍ରାଣୀଙ୍କ ପେଟକୁ ଦାନା ଯୋଗାଇବା କଷ୍ଟ କର ହୋଇପଡୁଛି । ଅସୁବିଧାରେ ଚଳୁଥିଲେ ସୁଦ୍ଧା ସରକାରୀ ସହାୟତାରୁ ବଂଚିତ ହୋଇଛନ୍ତି ସେମାନେ । ମୁଣ୍ଡ ଗୁଞ୍ଜିବାକୁ ଭଲ ଘର ଖଣ୍ଡେ ନାହିଁ । ପାଲଟଣା ଘରେ ୬ଜଣ ଚଳିବା କଷ୍ଟ ସାଧ୍ୟ । ସ୍ୱାମୀଙ୍କ ମୃତ୍ୟୁପରେ ପିଲାଙ୍କୁ ମଣିଷ କରିବା ଲାଗବହୁ ସ୍ୱପ୍ନ ଦେଖିଛନ୍ତି କାଂଚନ । ମୂଲ ମଜୁରୀ କରି ଯାହା ରୋଜଗାର କରନ୍ତି ସେତିକିରେ ପରିବାର ଚଳୁଛି । ୬ଜଣଙ୍କ ଲାଗି ଦାନା ଯୋଗାଡ କରିବା କେତେ ଯେ କଷ୍ଟ ତାହା ଭଗବାନ ଜାଣନ୍ତି । ଗରିବ ଲୋକଙ୍କ ଲାଗି ସରକାର ବିଭିନ୍ନ ଯୋଜନାମାନ ଘୋଷଣା କରିଥିଲେ ସୁଦ୍ଧା କାଂଚନଙ୍କୁ କୌଣସି ସୁବିଧା ମିଳୁନାହିଁ । ପଲିଥିନ ତଳେ ବିତୁଛି ଜୀବନ । କେତେବେଳେ ଯେ ଘର ଭାଙ୍ଗିଯିବ ତାର କିଛି ଭରସା ନାହିଁ । ସବୁବେଳେ ରହୁଛି ସାପର ଭୟ । ଆଜି ସୁଦ୍ଧା କାଂଚନକୁ ଆବାସ ଯୋଜନାରେ ପକ୍କାଘର ଖଣ୍ଡେ ମିଳି ନାହିଁ କି ରାସନକାର୍ଡ ଏବଂ ବିଧବା ଭତ୍ତାରୁ ମଧ୍ୟ ବଂଚିତ ହୋଇଛନ୍ତି । କୌଣସି ଗୋଟିଏ ବି ସରକାରୀ ସହାୟତା ତାଙ୍କୁ ମିଳିନାହିଁ । ଏନେଇ ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ ଗୁହାରୀ କରିଥିଲେ ସୁଦ୍ଧା ଫଳାଫଳ ମିଳିନଥିବା କାଂଚନ ଅଭିଯୋଗ କରିଛନ୍ତି ।

## ଗୋବିନ୍ଦ ଗୋଧାମ ଗୋଶାଳା ପରିଦର୍ଶନ କଲେ ସିଡିଭିଓ

ପୁରୀ, (ପିଏନ)- କିଛି ଦିନ ତଳେ ଗୋରୁ ଚାଲାଣକୁ ଅଟକାଇ ଗାଇଗୁଡିକ ଜବତ କରି ପୁରୀ ସଦର ଥାନା ପୁଲିସ ଗୋବିନ୍ଦ ଗୋଧାମ ଗୋଶାଳାକୁ ପଠାଇଥିଲେ । ଆଜି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ (ସିଡିଭିଓ) ଡା. ପ୍ରସନ୍ନ କୁମାର ପୃଷ୍ଟି , ଭେଟେନାରୀ ଡେପୁଟି ଡାଇରେକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ପରିଦର୍ଶନରେ ଯାଇ ଗାଇଗୁଡିଙ୍କ ସ୍ୱାସ୍ଥ୍ୟବସ୍ଥା ପରକ୍ଷା କରିଥିଲେ । ଗାଇମାନଙ୍କ ରହିବା ସ୍ଥାନ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଗୋଖାଦ୍ୟ ରଖିବା ସ୍ଥାନ, ପାଣିର ସୁବ୍ୟବସ୍ଥା ଓ ବିଦ୍ୟୁତ୍ ସ୍ଥିତି ନେଇ ଯାଂଚ୍ କରିଥିଲେ ।

ଏହି ଯାଂଚ୍ ସମୟରେ ଗୋଶାଳାର ପ୍ରତିଷ୍ଠାତା ତଥା ସଂପାଦକ ପଣ୍ଡିତ ବିଷ୍ଣୁଚରଣ ପଣ୍ଡା, ମ୍ୟାନେଜର ଦିଲ୍ଲୀପ କୁମାର ମହାନ୍ତି, ହରପ୍ରସାଦ ମହାପାତ୍ର, କୈଳାସଚନ୍ଦ୍ର ପଣ୍ଡା, ମନୋଜ କୁମାର ପଣ୍ଡା, ବିକାଶ ହୋତା, ସର୍ବେଶ୍ୱର ପଣ୍ଡା, ପୁରୁଷୋତମ ପଣ୍ଡା, ଗଣେଶ୍ୱର ପଣ୍ଡା, ପିତାମ୍ବର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ୩୪୩ ଲିଟର ଦେଶୀମଦ ଜବତ, ଅଭିଯୁକ୍ତ ଚିଲିକା ଭିତରେ ଫେରାର

ପୁରୀ, (ପିଏନ)- ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ବ୍ରାହ୍ମଣଦେଓ କୁମାରପୁର ରିଙ୍ଗରୋଡରେ ଗୋଟିଏ ମାରୁତି ଓମିନି କାର୍ ନଂ ଏପି ୩୧ଏଲ ୫୩୮୭ କୁ ଜବତ କରିବା ସମୟରେ ସେଥିରେ ଥିବା ମଦ ବ୍ୟବସାୟୀ ଚିଲିକା ଭିତର ଦେଇ ଖସି ଯାଇଥିଲେ । ସେହି ଗାଡିରୁ ୧୪ଟି ଜରି ଅଖାରେ ୩୪୩ ଲିଟର ଦେଶୀମଦ ଥିବା ଜଣାପଡିଥିଲା । ଏହାକୁ ପୁଲିସ୍ ଜବତ କରିଛି । ଏ ସମ୍ପର୍କରେ କୃଷ୍ଣପ୍ରସାଦ ଥାନାରେ ୧୫୪/୨୦ରେ ମାମଲା ରୁଜୁ ହୋଇଛି ।

# ଫୁଲବାଣୀର ପୂର୍ବତନ କ୍ରିକେଟ୍ ଅଧିନାୟକ, ଜିଲ୍ଲା କ୍ରୀଡା ସଂସଦର ପୂର୍ବତନ ଉପସଭାପତି ଅରୁଣ ଦାସଙ୍କ ଦେହାନ୍ତ

କନ୍ଧମାଳ : ଫୁଲବାଣୀର ପ୍ରଥମ କ୍ରିକେଟ ଅଧିନାୟକ ତଥା ଜିଲ୍ଲା କ୍ରିଡା ସଂସଦର ଉପସଭାପତି ଅରୁଣ ଦାସଙ୍କ ଦେହାନ୍ତ ଘଟିଛି । ତାଙ୍କୁ ୭୧ ବର୍ଷ ବୟକ୍ଷ ହୋଇଥିଲା ଆଜି ସକାଳ ୯ଟା ବେଳେ ତାଙ୍କର ଫୁଲବାଣୀ ମାଷ୍ଟ୍ରପଡା ସ୍ଥିତ ବାସଭବନରେ ତାଙ୍କର ହୃଦଘାତରେ ଦେହାନ୍ତ ଘଟିଛି । ମୃତ୍ୟୁ ବେଳକୁ ତାଙ୍କ ନିକଟରେ ତାଙ୍କ ପତ୍ନୀ ମୀନାକ୍ଷି ଦାସ ଏବଂ ଦୁଇ ପୁଅ ବୋହୁଙ୍କ ସମେତ ଭାଇ ପ୍ରଣବ କୁମାର ମଣ୍ଡଳ ଓ ବଡ ଭଉଣୀ ପ୍ରଭାତୀ ଦାସ,ଆଶିସ କୁମାର ମିଶ୍ର, ପ୍ରମୁଖ ଉପସ୍ଥିତ ଥିଲେ । ସେ ଫୁଲବାଣୀ ସ୍ୱଂୟଶାସିତ ମହାବିଦ୍ୟାଳୟରେ ଜଣେ ଡେମୋନଷ୍ଟ୍ରେଟର ଭାବରେ କାର୍ଯ୍ୟ କରୁଥିଲେ । ତାଙ୍କ କାର୍ଯ୍ୟକାଳରେ ଅନେକ ଛାତ୍ରଛାତ୍ରୀ ମାନଙ୍କୁ ପାଠ ପଢାରେ ସହାୟତା କରିଥିବା କହିଛନ୍ତି ପୁରାତନ ଛାତ୍ରମାନେ । ଗତ ୨୦୦୮ ମସିହାରେ ସେ ଚାକିରିରୁ ଅବସର ନେଇଥିଲେ । ସେ ତତ୍କାଳୀନ ଫୁଲବାଣୀ ଜିଲ୍ଲାର କ୍ରିକେଟ ଦଳର ଅଧିନାୟକ ଭାବରେ ପ୍ରତିନିଧିତ୍ୱ କରିଥିଲେ । ସେ ପ୍ରଥମେ ଜିଲ୍ଲା କ୍ରିଡା ସଂସଦର ଜଣେ ସକ୍ରୀୟ ସଦସ୍ୟ ଏବଂ ପରେ ସଂସଦର ଯୁଗ୍ମସମ୍ପାଦକ ଏବଂ ଉପସଭାପତି ଭାବରେ ୨୦୧୪ ମସିହା ପର୍ଯ୍ୟନ୍ତ ଦାୟୀତ୍ୱ ତୁଲାଇ ଆସିଥିଲେ । କ୍ରିକେଟ ଖେଳ ପ୍ରତି ତାଙ୍କର ଅତ୍ୟନ୍ତ ଆଗ୍ରହ ରହିଥିଲା । ତେଣୁ ସେ ଚାକିରିରୁ ଅବସର ନେବାପରେ ମଧ୍ୟ ଜଣେ ସକ୍ରୀୟ କ୍ରିକେଟ ଖେଳାଳି ଭାବରେ ଅଂଶ ଗ୍ରହଣ କରୁଥିଲେ । ସେ ଫୁଲବାଣୀ ଓଡିଆ ବାପଟିଷ୍ଟ ଚର୍ଚ୍ଚର ସଭାପତି ଭାବରେ କାର୍ଯ୍ୟଭାର ତୁଲାଇ ଥିଲେ । ଜଣେ ଧର୍ମପରାୟଣ ବ୍ୟକ୍ତି,ଶାନ୍ତ ସ୍ୱଭାବର ବ୍ୟକ୍ତିତ୍ୱର ମାଲିକ ଓ ସମାଜର ଜଣେ ବୁଦ୍ଧିଜୀବି ଭାବରେ ତାଙ୍କ ଫୁଲବାଣୀ ଏବଂ ଜିଲ୍ଲାରେ ଖ୍ୟାତି ରହିଛି । ଅକାଳ ବିୟୋଗରେ ଜିଲ୍ଲା କ୍ରିଡା ସଂସଦର ସଭାପତି କମଳା କାନ୍ତ ପାଣ୍ଡେ ତାଙ୍କ ଘରେ ପହଂଚି ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବା ସହିତ ତାଙ୍କ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଛନ୍ତି । ତାଙ୍କର ଏହି ଅକାଳ ବିୟୋଗରେ ବନ୍ଧୁବର୍ଗ,କ୍ରିଡା ସଂସଦର ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ,ବରିଷ୍ଠ ସାମ୍ବାଦିକ ଡ.ଅରୁପ କୁମାର ଜେନା,ନାରାୟଣ ସାହୁ,ବିଜୟ କୁମାର ମହାନ୍ତି,ପ୍ରଶାନ୍ତ କୁମାର ବେହେରା,ସନ୍ତୋଷ କୁମାର ମିଶ୍ର, ସୁନିଲ କୁମାର ପଟ୍ଟନାୟକ, ଲକ୍ଷ୍ମୀନାରାୟଣ ଦୋରା, ବୁଦ୍ଧିଜୀବି ଅନନ୍ତଚରଣ ମିଶ୍ର,ଅଶୋକ ପରିଡା,ଫୁଲବାଣୀ ବାପଟିଷ୍ଟ ଚର୍ଚ୍ଚର ସମସ୍ତ ସଦସ୍ୟ ମାନେ ଶୋକ ବ୍ୟକ୍ତ କରିବା ସହିତ ତାଙ୍କ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି ।

# ସାଇବର ଠକକୁ ଗିରଫ କଲା ଝାରସୁଗୁଡା ପୋଲିସ

ଝାରସୁଗୁଡା:ଝାରସୁଗୁଡା ପୋଲିସକୁ ବଡ଼ ସଫଳତା ।ଏକ ଅନ୍ତଜିଲ୍ଲା ସାଇବର ଠକକୁ ଝାରସୁଗୁଡା ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ନୟାଗଡ ଅଂଚଳର ସୁନିଲ ରାଉତରାୟ ଓରଫ କାର୍ତିକ । ପୁଲିସ କାର୍ତିକକୁ ଗିରଫ କରିବା ସହ ତାଠାରୁ ୨୮ଟି ମୋବାଇଲ ସିମ କାର୍ଡ, ୧୧ଟି ମୋବାଇଲ ଫୋନ, ୧୪ଟି ଏଟିଏମ କାର୍ଡ, ୧୫ଟି ବିଭିନ୍ନ ବ୍ୟାଙ୍କର ଚେକ ବୁକ, ୩ଟି ପାସବୁକ ଜବତ କରିଥିବା ଝାରସୁଗୁଡା ଏସ ପି ବିକାଶ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି । ଅଭିଯୁକ୍ତ ସୁନିଲ ରାଜ୍ୟର ବିଭିନ୍ନ ସ୍ଥାନରେ ନିରୀହ ଲୋକଙ୍କଠାରୁ ଠକେଇ କରୁଥିଲା । ତେବେ ସେ ଗତ ମେ ମାସରେ ଝାରସୁଗୁଡାର ଜଣେ ହୋମିଓପେଥୀ ଡାକ୍ତର ଦେଶଲୋକ ଶର୍ମାଙ୍କଠାରୁ ୧୦ ହଜାର ଟଙ୍କା ଠକେଇ କରିଥିଲା । ଅଭିଯୁକ୍ତ ସୁନିଲ ଇଣ୍ଟରନେଟ ସର୍ଚ୍ଚ କରି ଡାକ୍ତର ଦେଶଲୋକ ଶର୍ମାଙ୍କ ଫୋନ ନମ୍ବର ସଂଗ୍ରହ କରିବା ପରେ କରି ତାଙ୍କର ଏକ ସାଙ୍ଗର ପରିଚୟ ଦେଇ ୧୦ ହଜାର ଟଙ୍କା ଗୁଗୁଲ ପେ ରେ ମାଗିବା ସହ ଫେରସ୍ତ କରିବା ପାଇଁ ପ୍ରତିଶୃତି ଦେଇଥିଲା । ଡାକ୍ତର ଶର୍ମା ସୁନିଲ କଥାରେ ରାଜି ହୋଇ ଟଙ୍କା ପଠାଇବା ପରେ ସୁନିଲ ତାର ଫୋନ ସୁଇଚଅଫ କରି ଦେଇଥିଲା । ଏନେଇ ଠକେଇ ଶିକାର ହୋଇଥିବା ଦେଶଲୋକ ଶର୍ମା ଝାରସୁଗୁଡା ଥାନାରେ ଏକ ଲିଖିତ ଅଭିଯୋଗ କରିବାପରେ ପୁଲିସ ତଦନ୍ତ କରି ସୁନିଲକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଅଧିକ ତଦନ୍ତ ପାଇଁ ପୁଲିସ ପକ୍ଷରୁ ସୁନିଲର ରିମାଣ୍ଡ ଆବେଦନ କରାଯିବ ବୋଲି ଏସପି ସୂଚନା ଦେଇଛନ୍ତି । ତେବେ ସୁନିଲ ବିରୋଧରେ ଝାରସୁଗୁଡା ତଥା ବିଭିନ୍ନ ଜିଲ୍ଲାର ୧୧ଟି ଥାନାରେ ଠକେଇର ମାମଲା ରହିଥିବା ପୁଲିସ ପ୍ରକାଶ କରିଛି । ଅନ୍ୟପଟେ ଲକଡାଉନ ଯୋଗୁଁ କାମ ଧନ୍ଦା ନପାଇ ସାଇବର ଠକେଇର ପନ୍ଥା ଆପଣେଇଥିବା ଅଭିଯୁକ୍ତ ସୁନିଲ ପ୍ରକାଶ କରିଛି ।

# ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଟିମ ଆମ୍ବାଗୁଡା ଓ ରାବଣାଗୁଡାରେ ଘର ଘର ବୁଲି କଲେ ସମୀକ୍ଷା

ଜୟପୁର: ରାଜ୍ୟ ସ୍ୱାସ୍ଥ୍ୟ ପରିବାର ଏବଂ କଲ୍ୟାଣ ବିଭାଗ ଟିମ ଆଜି ଜୟପୁର ବ୍ଲକର ରାବଣାଗୁଡା ଓ ଆମ୍ବାଗୁଡାରେ ଘର ଘର ବୁଲି ସମିକ୍ଷା କରିଛନ୍ତି । ଏହି ଟିମରେ ଡାକ୍ତର ଆଦିତ୍ୟ ତ୍ରିପାଠି, ଏନଆଇପିଆଇ ଦିପକ ବିଶ୍ୱାଳ ସମିକ୍ଷା କରିଛନ୍ତି । ଆମ୍ବାଗୁଡା କୁମୁଲିପୁଟ ଘର ଘର ବୁଲି ସମୀକ୍ଷା କରିଛନ୍ତି । କୋରାନା ଆକ୍ରାନ୍ତଙ୍କ ଘରକୁ ଯାଇ ଆଶା କର୍ମି ଘରକୁ ଆସିଥିଲେ ଓ ବ୍ଲକର ଆରଆରସି ଟିମ ଆସିଥିଲେ। କଣ ସରକାରୀ ଔଷଧ ଖାଉଛନ୍ତି କି ବାହାରୁ କିଣୁଛନ୍ତି ସବୁ ପଚାରି ବୁଝିଥିଲେ । ଜନ୍ମରୁ ୫ ବର୍ଷ ଛୋଟ ପିଲା ଘରେ ଥିବା ଘରକୁ ଯାଇଥିଲେ। ଓଆରଏସ ପ୍ୟାକେଟ ପାଇଛନ୍ତି ପଚାରିବା ସହ ଛୋଟ ଛୁଆଙ୍କୁ ଝାଡା ହୋଇଛି କି ଛିଙ୍କ ଓ ଓଆରଏସ ଆପଣଙ୍କୁ ପ୍ରଦାନ କରାଯାଇଛି କି ବୋଲି ପଚାରିଥିଲେ। କୁଷ୍ଠ ରୋଗ ନିରାକରଣ ପାଇଁ ଆଶା ଦିଦି ଆସିଥିଲେ କି ପଚାରିବା ସହ ମ୍ୟାଲେରିଆ ମଶାରି ପାଇଛନ୍ତି କି ନାହିଁ ପାଇବା ପରେ ବ୍ୟବହାର କରୁଛନ୍ତି ବୋଲି ପଚାରିଥିଲେ । ବିପି, ସୁଗାର ଆକ୍ରାନ୍ତ ରୋଗୀଙ୍କୁ ଚିକିତ୍ସାଳୟ ଯାଇ ଔଷଧ ଆଣି ଖାଉଛନ୍ତି କି ପଚାରି ବୁଝିଥିଲେ । ଗାଁ ସଫେଇ ପାଇଁ ପରାମର୍ଶ ଦେଇଥିଲେ ଏହି ଟିମ । ସ୍ୱାସ୍ଥ୍ୟ ବିଭାଗର ସବୁ ଯୋଜନା ଲୋକଙ୍କ ପାଖରେ ପହଂଚିଛି କି ନାହିଁ ତାହାର ସମୀକ୍ଷା କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ତରଫରୁ ଲୋକଙ୍କ ପାଇଁ ବହୁ ଯୋଜନା ପ୍ରଣୟନ କରୁଥିବା ବେଳେ ବାସ୍ତବରେ ଲୋକଙ୍କ ପାଖରେ ପହଂଚୁଛି କି ନାହିଁ ସେ ନେଇ ସମୀକ୍ଷା କରିଛନ୍ତି । ଏହି ଟିମରେ ରବାଣାଗୁଡା ଡିପିଏମ ଦିପା ପଟ୍ଟନାୟକ,ଟିଏଚଇଓ ଶୁଶାନ୍ତ ନାୟକ, ଏଏନଏମ ଛବିନା ବେଉରା ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବକ ପାରାଲିସିସରେ ଆକ୍ରାନ୍ତ, ଚିକିତ୍ସା ସହାୟତା ପାଇଁ ବାପାଙ୍କ ନିବେଦନ

ନୂଆପଡା:ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ନେହେନା ଗ୍ରାମର ଜଗତରାମ ନାଗ (୩୦) ଗତ ୩ ମାସ ହେଲା ଅକମର୍ଣ୍ୟ ଅବସ୍ଥାରେ ପଡି ରହିଛନ୍ତି । ବାପା ଯୁଗେ ନାଗ ପୁଅର ଚିକତ୍ସା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବା ସହିତ ନିଜର ଯାହା କିଛି ଜମିବାଡି ଥିଲା ତାହା ମଧ୍ୟ ବିକ୍ରୟ କରି ଚିକିତ୍ସା କରିଛନ୍ତି । ହେଲେ ପୁଅ ଭଲ ହେଉନଥିବାରୁ ବାପା ପୁଅର ଚିକିତ୍ସା ପାଇଁ ଜିଲ୍ଲା ପ୍ରଶାସନର ସାହାର୍ଯ୍ୟ ଭିକ୍ଷା କରିଛନ୍ତି । ସୂଚନା ଥାଉକି ଜଗତରାମ ନାଗ ଗତ ୩ ମାସ ତଳେ ଏକ ଟ୍ରାକ୍ଟରରେ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ । ଟ୍ରାକ୍ଟରରୁ ବାଲି ପକାଉଥିବା ସମୟରେ ସମସ୍ତ ବାଲି ତାଙ୍କ ଉପରେ ପଡିଯିବାରୁ ସେହି ଦିନ ଠାରୁ ସେ ପାରାଲିସିସ ହୋଇ ଅକମର୍ଣ୍ୟ ହୋଇଯାଇଛନ୍ତି । ବାପା ଅନେକ ଚିକିତ୍ସା କରିଛନ୍ତି ହେଲେ ପୁଅ ଭଲ ହେଉ ନାହାନ୍ତି । ତାଙ୍କର ଗୋଟିଏ ବୋଲି ପୁଅ ବୋଲି କାନ୍ଦି ପକାଉଛନ୍ତି । ପୁଅ ବର୍ତମାନ ସୁଦ୍ଧା ବିବାହ ମଧ୍ୟ କରିନାହାନ୍ତି । ସୂଚନା ଥାଉକି ଯୁଗେ ନାଗ ଏକ ଭଙ୍ଗା ଦଦାରା ଘରେ ରହୁଛନ୍ତି । ତାଙ୍କର ଘର ଖଣ୍ଡେ ମଧ୍ୟ ନାହିଁ । ନୂଆପଡା ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଜଗତରାମଙ୍କୁ ଚିକିତ୍ସା ସହାୟତା ଯୋଗାଇଦେବା ସହିତ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦେବା ପାଇଁ ଯୁଗେ ନାଗ ଆକୁଳ ନିବେଦନ କରିଛନ୍ତି । ଏବିଷୟରେ ଖଡିଆଳ ବିଡିଓ ନାରାୟଣ ସାହୁଙ୍କୁ ଯୋଗାଯୋଗ କରାଯିବାରୁ ମୁ ତଦନ୍ତ କରୁଛି, ତାକୁ ରେଡକ୍ରସ ସହାୟତାରେ କେମିତି ଚିକିତ୍ସା କରାଯାଇ ପାରିବ ।

## ଖଡିଆଳରେ ସଟ୍ଟା କାରବାର ବୃଦ୍ଧି ଅଭିଯୋଗ

ନୂଆପଡା:ନୂଆପଡା ଜିଲ୍ଲା ଖଡିଆଳ ସହର ଓ ଗ୍ରାମା ଳରେ ସଟ୍ଟା କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି । ଖଡିଆଳ ସହରର ବିଭିନ୍ନ ଛକ ମାନଙ୍କର ପାନ ଦୋକାନ, ପଡାମାନଙ୍କର ବିଭିନ୍ନ ଘରରେ ସଟ୍ଟା କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯାହାର ପ୍ରଭାବରେ ବୃଦ୍ଧ, ବୃଦ୍ଧା, ସରକାରୀ କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ଗରିବ ଶ୍ରେଣୀର ଲୋକ ମାନେ ୧ଗୁଣରୁ ୮୦ଗୁଣ ପାଇବା ଆଶାରେ ସଟ୍ଟା ଖେଳି ସର୍ବସ୍ୱାନ୍ତ ହେଉଛନ୍ତି । ଫଳରେ ମୁଖ୍ୟତଃ ଗରିବ ଶ୍ରେଣୀର ଲୋକମାନଙ୍କ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗି ରହିଥିବା ଜଣାପଡିଛି । ଅନ୍ୟପକ୍ଷରେ ଏହାର ପ୍ରଭାବରେ ପଡି ଛାତ୍ରଛାତ୍ରୀ ମାନେ ବିଭିନ୍ନ ସ୍କୁଲ ଛକ ମାନଙ୍କରେ ସଟ୍ଟା ଏଜେ ମାନଙ୍କ ଶିକାର ହେଉଥିବା ଦେଖିବାକୁ ମିଳିଛି ।

# ୩୫୩୯ ଆକ୍ରାନ୍ତ ସୁସ୍ଥ ହେଲେଣି, ସକ୍ରିୟ ମାମଲା ୪୭୩

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାରେ ଆଜି ଆଉ ୨୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୦୨୪ କୁ ବୃଦ୍ଧି ପାଇଛି । ରିପୋର୍ଟ ପଜିଟିଭ୍ ଆସିବା ପରେ ଗୁରୁତର ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତି କରାଯାଇଛି ।

ସେହିପରି ସାମାନ୍ୟ ଆକ୍ରାନ୍ତ ମାନଙ୍କୁ ହୋମ୍ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯାଇଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ମାଲକାନଗିରି ପୌରାଚଂଳରୁ ୫ ଜଣ, ମାଲକାନଗିରି ବ୍ଲକରୁ ୭, ମାଥିଲି ବ୍ଲକରୁ ୩ ଜଣ, ଖଇରପୁଟ ବ୍ଲକରୁ ୪ ଜଣ, ଚିତ୍ରକୋଣ୍ଡା ବ୍ଲକରୁ ୪ ଜଣ, ପଡ଼ିଆ ବ୍ଲକରୁ ୨ ଜଣ, ଏବଂ କାଲିମେଳା ବ୍ଲକରୁ ୩ ଜଣ ରହିଛନ୍ତି । ତନ୍ମଧ୍ୟରେ ଦୁଇ ଜଣ କରୋନା ଯୋଦ୍ଧା ରହିଛନ୍ତି ।

ଆଜି ଚିହ୍ନଟ ୨୮ ଆକ୍ରାନ୍ତଙ୍କ ମଧ୍ୟରୁ ୧୧ ଜଣ ବିଭିନ୍ନ କ୍ଲିନିକରୁ ରେଫର୍ ହୋଇ ଚିକିତ୍ସା ନିମନ୍ତେ ମେଡିକାଲକୁ ଆସି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ଘରକୁ ଘର ବୁଲି ମେଡ଼ିକାଲ ଟିମ୍ ର ସର୍ଭେଲାନ୍ସ ବେଳେ ୧୪ ଜଣ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ୩ ଜଣ ସଂକ୍ରମିତ ହୋଇଛନ୍ତି ।

ଅଦ୍ୟାବଧି ଜିଲ୍ଲାରେ ୩୫୩୯ ଆକ୍ରାନ୍ତ ସୁସ୍ଥ ହେଲେଣି । କରୋନାଜନିତ ସକ୍ରିୟ ମାମଲା ୪୭୩ ରହିଛି । ସେହିପରି ବର୍ତମାନ ସୁଦ୍ଧା ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୨ ରହିଛି ।

# ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ



Bhubaneswar Thursday June 24, 2021 | ଭୁବନେଶ୍ବର ଗୁରୁବାର, ଜୁନ୍ ୨୪,୨୦୨୧ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮


## ଗୋଛାପଡା ଥାନା ଅଂଚଳରୁ ୧୧୦ କେଜି ଗଞ୍ଜେଇ ଜବତ : ଜଣେ ଗିରଫ

କନ୍ଧମାଳ: କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ଅଂଚଳରୁ ଗଞ୍ଜେଇ ଚୋରା ଚାଲାଣ କରିବାକୁ ଉଦ୍ୟମ କରୁଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ସେଠାରେ ଚଢ଼ଉ କରି ୧୧୦ କେଜି ଗଞ୍ଜେଇ ଜବତ କରିବା ସହିତ ମାମଲାରେ ଜଣଙ୍କୁ ଗିରଫ କରଛି । ସୂଚନା ଅନୁସାରେ, ସୋମବାର ଦିନ ଗୋଛାପଡା ପୋଲିସ ପାଟ୍ରୋଲିଂ ବେଳେ କୌଣସି ସୂତ୍ରରୁ ଗୋଛାପଡା ଅଂଚଳରୁ ଗଞ୍ଜେଇ ଚୋରାଚାଲାଣ ହେବାକୁ ଥିବା ନେଇ ଖବର ପାଇଥିଲା । ପରେ ଗୋଛାପଡା ଥାନା ଅଂଚଳରେ ଥିବା କୁତାନାଡି ଛକଠାରେ ତଲାସି କରିବାବେଳେ ସେଠାରୁ ଜଣେ ବ୍ୟକ୍ତି ଦୁଇଟି ବସ୍ତାରେ ୧୧୦ କିଗ୍ରା ଗଞ୍ଜେଇ ବାହାର ଜିଲ୍ଲାକୁ ଚାଲାଣ କରିବାକୁ ଯୋଜନା କରୁଥିବା ପୋଲିସ ଜାଣିବାକୁ ପାଇଥିଲା । ପୋଲିସ ସେଠାରେ ପହଂଚି ଗଞ୍ଜେଇକୁ ଜବତ କରିବା ସହିତ ଉକ୍ତ ବ୍ୟକ୍ତିକୁ ଗିରଫ କରିଥିବା ଜଣାପଡିଛି । ଗିରଫ ବ୍ୟକ୍ତି ଜଣକ ହେଲେ ଗୋଛାପଡା ଥାନା ଅଂଚଳର କଲାଡି ଗ୍ରାମର ପୁରୁଷୋତମ କହଁର(୬୦) । ସେ ଏହି ଗଞ୍ଜେଇକୁ ଗୋଛାପଡାରୁ ବାହାର ଜିଲ୍ଲାକୁ ଚାଲାଣ କରିବାକୁ ଯୋଜନା କରୁଥିଲା ବୋଲି ପୋଲିସ ଆଗରେ କହିଛି । ଗୋଛାପଡା ଥାନା ପୋଲିସ ଏ ସଂକ୍ରାନ୍ତରେ ୩୮/ ୨୦୨୧ ରେ ଏକ ମାମଲା ଏନ.ଡି.ପି.ଏସ ଆଇନ ଅନୁସାରେ ରୁଜୁ କରିବା ସହିତ ଅଭିଯୁକ୍ତକୁ ଆଜି କୋର୍ଟଚାଲାଣ କରିଥିବା ନେଇ ଗୋଛାପଡା ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀଙ୍କ ସୂତ୍ରରୁ ଜଣାପଡିଛି ।

## କରୋନାରେ ପୁଣି ଗଡ଼ିଲା ୪ ମୁଣ୍ଡ

ବାରିପଦା: ମୟୂରଭଞ୍ଜ ଜିଲ୍ଲାରେ ପୁଣି ଥରେ କରୋନାରେ ଗଡ଼ିଲା ୪ ମୁଣ୍ଡ । ଏମାନଙ୍କ ମଧ୍ୟରେ ୫୮, ୬୬ ଓ ୭୦ ବର୍ଷ ବୟସର ୩ ଜଣ ପୁରୁଷ ଓ ଜଣେ ୬୦ ବର୍ଷିୟା ମହିଳା ରହିଛନ୍ତି । ଆଜିର ୪ ଜଣଙ୍କୁ ମିଶାଇ କେବଳ ଜୁନ ମାସର ୨୨ ଦିନ ମଧ୍ୟରେ ୨୯ ଜଣଙ୍କର ମୃତ୍ୟୁ ହୋଇ ସାରିଛି । ଏହି ସମୟରେ ଜୁନ ୨୨ ଓଡ଼ିଶାରୁ ଚିହ୍ନଟ ହୋଇଥିବା ୨,୯୫୭ କରୋନା ପଜିଟିଭ କେଶ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରୁ ଗତ ୨୪ ଘଂଟା ମଧ୍ୟରେ ୧୩୫ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ଏବଂ ଜିଲ୍ଲାରେ ସଂକ୍ରମିତମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୩୪,୦୯୯ରେ ପହଁଚିଛି । ସେହିପରି ଜୁନ ୨୧ ପର୍ଯ୍ୟନ୍ତ ଜିଲ୍ଲାରୁ ୯୫.୪୯ ପ୍ରତିଶତରୁ ଅଧିକ ହାରରେ ୩୨,୪୩୨ ଜଣ ସୁସ୍ଥ ହୋଇ ଫେରିଥିବା ସମୟରେ ଜୁନ ୨୨ ଅପରାହ୍ନ ସୁଦ୍ଧା ୪.୫୨ ପ୍ରତିଶତ ହାରରେ ୧,୫୪୨ ଜଣ ସକ୍ରିୟ ଥାଇ ବାଙ୍କିଶୋଳ କୋଭିଡ୍ ହସପିଟାଲ, ପିଆରଏମ ମେଡ଼ିକାଲ ସ୍ଥିତ ସ୍ୱତନ୍ତ୍ର ୱାର୍ଡ଼, କୋଭିଡ୍ କେୟାର ସେଂଟର ଓ କଟକ-ଭୁବନେଶ୍ୱର ଆଦିରେ ଚିକିତ୍ସା ହେଉଥିବା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ଜିଲ୍ଲାରେ ୦.୩୬ ପ୍ରତିଶତ ହାରରେ ୧୨୨ ଜଣଙ୍କର ମୃତ୍ୟୁ ହୋଇଛି ।

## ରାଜକନିକା ଥାନା ପୋଲିସର ଉଦାସୀନତା ବିରୋଧରେ ଏସ.ପି. ଙ୍କୁ ଅଭିଯୋଗ




କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ଥାନା ଅନ୍ତର୍ଗତ ପନ୍ତି ଗ୍ରାମର ନାରାୟଣ ଦାସଙ୍କ ପତ୍ନୀ ପ୍ରତିମା ଦାସ ଓ ତାଙ୍କ ପରିବାର ସଦସ୍ୟମାନେ ଆରକ୍ଷୀ ଅଧିକ୍ଷକଙ୍କୁ ବୁଧବାର ଜଜାଙ୍ଗ ସ୍ଥିତ କାର୍ଯ୍ୟାଳୟରେ ଭେଟି ରାଜକନିକା ଥାନା ପୋଲିସର ଉଦାସୀନତା ବିରୋଧରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାଇ ପ୍ରତିମାଙ୍କ ଝିଅ ତାଙ୍କ ଭାଇସେହି ଥାନା ଅନ୍ତର୍ଗତ ନୁଆଗାଁ ଗ୍ରାମର ପ୍ରତାପ ମଲିକଙ୍କ ପାଖରେ ରହି ପାଠପଢୁଥିଲା । ତାଙ୍କ ଭାଇ ପ୍ରତାପ ପ୍ରତିମାଙ୍କ ଝିଅଙ୍କୁ ଝିଅକରି ମଧ୍ୟ ନେଇଥିଲେ । କିନ୍ତୁ ଭାଇ ପ୍ରତାପ ଏବଂ ପ୍ରତିମାଙ୍କ ପରିବାର ମଧ୍ୟରେ ପାରିବାରିକ କଳହ ଯୋଗୁଁ ତାଙ୍କ ଝିଅକୁ ଭାଇ ପ୍ରତାପ ପ୍ରଥମେ ବିଭିନ୍ନ ମାନସିକ ଓ ଶାରିରୀକ ଯନ୍ତ୍ରଣା ଦେବା ପରେ ହତ୍ୟାକରି ଏକ ପୋଖରୀରେ ପକାଇ ଦେଇଥିବା ସମ୍ପର୍କରେ ପ୍ରତିମା ରାଜକନିକା ଥାନାରେ ଚଳିତମାସ ୫ତାରିଖରେ ଅଭିଯୋଗ କରିଥିଲେ । କିନ୍ତୁ ରାଜକନିକା ଥାନା ପୋଲିସ ସେହି ଅଭିଯୋଗ ଉପରେ ୧୮୫/ ୨୦୨୧ରେ ଏକ ହତ୍ୟା ମାମଲା ରୁଜୁ କରିଦେଇ ଏ ପର୍ଯ୍ୟନ୍ତ କୌଣଷି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ କରିଛନ୍ତି । ସମ୍ପୃକ୍ତ ଅଭିଯୁକ୍ତ ସ୍ୱଷ୍ଟ ଦିବାଲୋକରେ ବୁଲୁଥିଲେ ମଧ୍ୟ ପୋଲିସ ତାକୁ ଗିରଫ କରୁନଥିବା ପ୍ରତିମା ଅଭିଯୋଗ କରିଛନ୍ତି । ୧୦ ଥରରୁ ଉର୍ଦ୍ଧ ଥାନାକୁ ଦୌଡି ଦୌଡି ନିରାଶ ହେବାପରେ ପ୍ରତିମା ସପରିବାର ଆରକ୍ଷି ଅଧିକ୍ଷକଙ୍କୁ ସାକ୍ଷାତ କରି ଦୋଷୀଙ୍କୁ ତୁରନ୍ତ ଗିରଫ କରାଯିବା ସହ ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ନିବେଦନ କରିଛନ୍ତି । ଏଥିସହିତ ଏହି ଅଭିଯୋଗର ନକଲ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିବା ସୂଚନା ଦେଇଛନ୍ତି ।

## ଭଞ୍ଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଟୀକାକରଣ କେନ୍ଦ୍ରରେ ଲାଗିଥିବା ମୁଖ୍ୟମନ୍ତ୍ରୀଙ୍କ କଟ-ଆଉଟକୁ ନେଇ ଉତ୍ତେଜନା

ବାରିପଦା: ବର୍ତମାନ ମୟୂରଭଞ୍ଜ ଜିଲ୍ଲାରେ ଚାଲିଛି ୧୮ରୁ ୪୪ ବର୍ଷ ବୟସର ଯୁବକମାନଙ୍କୁ ଟୀକାକରଣ ପ୍ରକ୍ରିୟା । ଜିଲ୍ଲା ପ୍ରଶାସନ ପକ୍ଷରୁ ବାରିପଦା ସହରର ଭଞ୍ଜପୁର ହାଇସ୍କୁଲ ପରିସରରେ ଏକ ଟୀକାରଣ କେନ୍ଦ୍ର ଖୋଲା ଯାଇଛି । ଉକ୍ତ ଶିବିରରେ ଲାଗିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କଟ-ଆଉଟକୁ ବିରୋଧ କରି ଜୁନ ୨୨ ପୂର୍ବାହ୍ନ ସମୟରେ ଦେଖା ଦେଇଥିଲା ଉତେଜନା । ବିଜେପି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କଟ-ଆଉଟ ଲଗାଯିବାକୁ ତୀବ୍ର ବିରୋଧ କରାଯାଇଥିଲା । ଟୀକାରଣ କେନ୍ଦ୍ରରେ ଟୀକାକରଣ କାର୍ଯ୍ୟ ଜାରି ରହିଥିବା ବେଳେ ମୟୂରଭଞ୍ଜ ଲୋକସଭା ସାଂସଦ ବିଶ୍ୱେଶର ଟୁଡୁ, ମୟୂରଭଞ୍ଜ ସାଙ୍ଗଠନିକ ଜିଲ୍ଲା ପୂର୍ବ ଭାଗର ସଭାପତି କାନ୍ଦ୍ରା ସୋରେନ, ପୂର୍ବତନ ସଭାପତି ଡ଼ା. କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖଙ୍କ ସମେତ ବିଜେପିର କାର୍ଯ୍ୟକର୍ତା ଓ ସଦସ୍ୟମାନେ କେନ୍ଦ୍ର ଭିତରକୁ ଧସେଇ ପ୍ରବେଶ କରି ଶିବିରର ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନଙ୍କ କଟଆଉଟ କାହିଁକି ଲଗାଯାଇଛି ବୋଲି ପ୍ରଶ୍ନ କରିଥିଲେ । ଏହି ସମୟରେ ବାରିପଦା ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି ଟୀକାକରଣ ପ୍ରକ୍ରିୟା ଜାରି ରହିଥିବାରୁ କେନ୍ଦ୍ର ପରିସରରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ବାରମ୍ବାର ଅନୁରୋଧ କରିବା ସହ ସାଂସଦ ଶ୍ରୀଟୁଡୁଙ୍କ ପଥକୁ ଉଗାଳିଥିଲେ । ମାତ୍ର ଥାନା ଅଧିକାରୀ ଶ୍ରୀସେନାପତିଙ୍କ ଆକଟକୁ ଅଣଦେଖା କରି କେନ୍ଦ୍ର ପରିସରରେ ମୁଖ୍ୟମନ୍ତ୍ରୀଙ୍କ କଟଆଉଟ ହଟାଇବାକୁ ସାଂସଦ ଶ୍ରୀଟୁଡୁ କହୁଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ କଟଆଉଟକୁ ଜୋର ଜବରଦସ୍ତ ଭାବେ ନେଇ ଆସି ତାହାକୁ ଭାଙ୍ଗି ଫୋପାଡ଼ି ଦେଇଥିଲା । ପୁଣି ତାହାକୁ ଗୋଟାଇ ଶିବିରରୁ ନେଇଯାଇଥିଲେ । ବିଜେପି ମୁଖ୍ୟମନ୍ତ୍ରୀଙ୍କ କଟଆଉଟ ଲାଗିବାକୁ ବିରୋଧ କରୁନାହାନ୍ତି । ଯଦି ମୁଖ୍ୟମନ୍ତ୍ରୀଙ୍କ କଟଆଉଟ ଲାଗୁଛି ତେବେ ପ୍ରଧାନମନ୍ତ୍ରୀଙ୍କ କଟଆଉଟ କାହିଁକି ଲଗାଗଲା ନାହିଁ । ଏଥି ସହିତ କେନ୍ଦ୍ର ରାଜ୍ୟକୁ ଟୀକା ଯୋଗାଉଥିବା ବେଳେ ବିଜେଡ଼ି ଏହାକୁ ନେଇ ଚଳାଇଥିବା ଶସ୍ତା ରାଜନୀତିକୁ ବିଜେପି ବିରୋଧ କରୁଛି ଏବଂ ବିଜେଡ଼ି ଏଥିରୁ ନିବୃତ ରହିବାକୁ ମୟୂରଭଞ୍ଜ ସାଙ୍ଗଠନିକ ଜିଲ୍ଲା ପୂର୍ବ ବିଭାଗର ପୂର୍ବତନ ସଭାପତି ଡ଼ା. କୃଷ୍ଣଚନ୍ଦ୍ର ମହାପାତ୍ର ବଡ଼ ପାଟିରେ କହୁଥିବାର ଦେଖିବାକୁ ମିଳିଥିଲା । ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଉକ୍ତ ଘଟଣାକୁ ନେଇ ବାରିପଦା ଟାଉନ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବାର ଜଣାପଡ଼ିଛି ।

## ଟ୍ରକ୍ ସହ ୪୬୧ କେଜି ଗଞ୍ଜେଇ ଜବତ, ୨ ଗିରଫ

ଜୟପୁର: ଜୟପୁର ସଦର ପୋଲିସ ଗଞ୍ଜେଇ ଚାଲାଣ ବେଳେ ଚଢ଼ଉ କରିଛି । ଏହି ମାମଲାରେ ୨ ଜଣକୁ ଗିରଫ କରିଛି । ପୋଲିସ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ , ଟ୍ରକ୍ ଯୋଗେ ଜୟପୁର ଦେଇ ବିହାର ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ସଦର ପୋଲିସ ଚଢ଼ଉ କରିଥିଲା । ଜୟପୁର ଘାଟି ନିକଟରେ ଟ୍ରକ୍ ନଂ ଡବ୍ଲୁବି-୧୯-ଏଫ-୯୯୧୨ ଗାଡି ଉପରେ ଚଢ଼ଉ କରିଥିଲା । ଟ୍ରକକୁ ଥାନାକୁ ଆଣି ଯାଂଚ୍ କରାଯିବା ବେଳେ ସେଥିରୁ ୪୬୧ କେଜି ଗଞ୍ଜେଇ ଜବତ ହୋଇଛି । ଯାହାର ଆନୁମାନିକ ମୂଲ୍ୟ ୪୫ ଲକ୍ଷ ହେବ । ଟ୍ରକଟି ଖାଲି ଥିବା ବେଳେ କ୍ୟାବିନ ଭିତରେ ଗଞ୍ଜେଇ ରଖି ଚାଲାଣ ହେଉଥିଲା । ଏନେଇ ୧୦୭/୨୧ ରେ ଏକ ମାମଲା ରୁଜୁ କରି ୨ ଜଣକୁ ଗିରଫ କରିଛି ପୋଲିସ।

## ଓଡ଼ିଶାର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି କୋଇଲା ବ୍ଲକର ସଂଚାଳନ ଜରୁରୀ: ସିଏମଓଙ୍କୁ କହିଛନ୍ତି ଉଦ୍ୟୋଗ ସଂସ୍ଥା

ଭୁବନେଶ୍ୱର: ଓଡ଼ିଶାର ମୁଖ୍ୟ ସଚିବ ଏବଂ ମୁଖ୍ୟ ବିକାଶ ଆୟୁକ୍ତଙ୍କୁ ଦିଆଯାଇଥିବା ଏକ ପତ୍ରରେ ଅଗ୍ରଣୀ ଔଦ୍ୟୋଗିକ ସଂସ୍ଥାମାନେ ରାଜ୍ୟର ଆର୍ଥିକ ବିକାଶର ତ୍ୱରାନ୍ୱିତ କରିବା ପାଇଁ କୋଇଲା ଖନନ ବ୍ଲକର ପରିଚାଳନାକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି । ଜୁନ ୧୮ରେ ଦେଇଥିବା ପତ୍ରରେ କୋଇଲା ଖଣି ଗୁଡ଼ିକର ସୁଗମ ପରିଚାଳନା ଓ କାର୍ଯ୍ୟରେ ଅଗ୍ରଗତି ଆଣିବା ପାଇଁ ଓଡ଼ିଶା ସରକାରଙ୍କ ମୁଖ୍ୟ ମନ୍ତ୍ରୀ କାର୍ଯ୍ୟାଳୟରେ ଏକ ସମର୍ପିତ ସେଲ ପ୍ରତିଷ୍ଠା ହେବା ଆବଶ୍ୟକ ବୋଲି ଅନୁରୋଧ କରାଯାଇଛି । ଏଥିରେ ଦର୍ଶାଯାଇଛି ଯେ ସମୁଦାୟ ୧୨ଟି କୋଇଲା ଖଣିକୁ ଆବଂଟନ କରାଯାଇଛି ଓ ନିଲାମ କରାଯାଇଛି । ଏଥିରୁ ବାର୍ଷିକ ୯୭ ନିୟୁତ ଟନ ଉତ୍ପାଦନ କ୍ଷମତା ରହିଛି ଓ ଏଥିରୁ ଟ.୭୦୦୦ କୋଟିରୁ ଟଙ୍କାରୁ ଉର୍ଦ୍ଧ୍ୱ ରାଜସ୍ୱ ଉପାର୍ଜନ ହୋଇ ପାରିବ । ଏହା ସହ ୧ ଲକ୍ଷ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବା ସମ୍ଭବ । ଅନ୍ୟପକ୍ଷରେ ୧୨ ଟି କୋଇଲା ଖଣି ମଧ୍ୟରୁ କୌଣସି ଗୋଟିଏ ପ୍ରାଇଭେଟ ସେକ୍ଟର ଖଣି ଜମି ଅଧିଗ୍ରହଣ ଓ ବୈଧାନିକ ଅନୁମୋଦନ ବିଳମ୍ବ ହେତୁ କାର୍ଯ୍ୟ କରିପାରୁ ନାହାନ୍ତି । ଏହି ଉଦ୍ଦେଶ୍ୟରେ ଔଦ୍ୟୋଗିକ ସଂସ୍ଥାମାନେ ମୁଖ୍ୟ ମନ୍ତ୍ରୀ କାର୍ଯ୍ୟାଳୟରେ ଏକ ସମର୍ପିତ ସେଲ ପ୍ରତିଷ୍ଠା କରାଯାଇ ପାକ୍ଷିକ ଆକାରରେ ଏକ ସମୀକ୍ଷା ବୈଠକ ମାଧ୍ୟମରେ ଉପରୋକ୍ତ ବିଷୟର ସମାଧାନ ପାଇଁ ପଦକ୍ଷେପ ନେବା ଆବଶ୍ୟକ । ଏହି ପତ୍ରରେ ମଧ୍ୟ ବର୍ତମାନର ମହାମାରୀ ହେତୁ ଲୋକମାନଙ୍କ ଜୀବିକା ନିର୍ବାହ ଉପରେ ପଡୁଥିବା ପ୍ରଭାବ ସଂପର୍କରେ ଦର୍ଶାଯାଇଛି । ଓଡ଼ିଶାର ଅର୍ଥନୀତିକୁ ସୁଦୃଢ କରିବା ପାଇଁ ତୁର' ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ । ଏହାଦ୍ୱାରା ରାଜ୍ୟରେ ପର୍ଯ୍ୟାପ୍ତ ରାଜସ୍ୱ ସୃଷ୍ଟି ହେବା ସହିତ ସ୍ଥାନୀୟ ଲୋକମାନେ ନିଯୁକ୍ତି ପାଇପାରିବେ ଓ ରାଜ୍ୟର ଅର୍ଥନୈତିକ ପରିବେଶର ପୁନରୁଦ୍ଧାର ହେବା ସହିତ ଏକ ସକାରାତ୍ମକ ଦିଗ ସୃଷ୍ଟି ହୋଇପାରିବ ।

## ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ନରେନ୍ଦ୍ର ମୋଦି ଓ ନବୀନ ପଟ୍ଟନାୟକଙ୍କ ଫଟୋ ସତ୍ୟନଗର ମଶାଣି କାନ୍ଥରେ ସ୍ଥାପିତ




ଭୁବନେଶ୍ୱର : ଆଜି ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ଶ୍ରୀ ୟାସିର ନୱାଜଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଶୋଭାଯାତ୍ରା କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖରୁ ବାହାରି ସତ୍ୟନଗର ମଶାଣି ପର୍ଯ୍ୟନ୍ତ ଯାଇଥିଲା । ଏହି ଶୋଭାଯାତ୍ରାରେ ନରେନ୍ଦ୍ର ମୋଦି ଓ ନବୀନ ପଟ୍ଟନାୟକଙ୍କ ଫଟୋକୁ ନିଆଯାଇ ସତ୍ୟନଗର ମଶାଣି କାନ୍ଥରେ ସ୍ଥାପନ କରାଯାଇଥିଲା । ଏହି ପରୀପ୍ରେକ୍ଷୀରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ କହିଥିଲେ ଟୀକାକରଣ କେନ୍ଦ୍ରରେ ଏବଂ ଟୀକା ସାର୍ଟିଫିକେଟରେ ଫଟୋ ରଖିବା ପାଇଁ ବିଜେଡ଼ି ଓ ବିଜେପି ମଧ୍ୟରେ ବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଯେଉଁ ଲଢ଼େଇ ଚାଲିଛି ଏବଂ ବ୍ୟାନର ଫଡ଼ାଫଡ଼ି ଚାଲିଛି । ତାହା ଓଡ଼ିଶା ତଥା ଦେଶର ଜନସାଧାରଣଙ୍କୁ ଦୁଃଖିତ କରିଛି । କରୋନା ମହାମାରୀ ସମୟରେ କରୋନା ନିୟନ୍ତ୍ରଣ, ବ୍ୟାପକ ଟୀକାକରଣ, ଭେଂଟିଲେଟର ଓ ଅକ୍ସିଜେନ ସିଲିଣ୍ଡର ଯୋଗାଣ, ବେଡ ବ୍ୟବସ୍ଥା, ଇକ୍ମୋ ଚିକିତ୍ସା, ଆମ୍ବୁଲାନ୍ସ ବ୍ୟବସ୍ଥା ଏ ସବୁ ଉପରେ ପ୍ରାଧାନ୍ୟ ନଦେଇ କରୋନା ଟୀକାକରଣ କେନ୍ଦ୍ରରେ କାହା ଫଟୋ ରହିବ ଏବଂ ଟୀକା ସାର୍ଟିଫିକେଟରେ କାହା ଫଟୋ ରହିବ ସେଥିପାଇଁ ଦୁଇ ନିର୍ଲଜ ସରକାର ମଧ୍ୟରେ ଯୁଦ୍ଧ ଚାଲିଛି । ଶ୍ରୀ ନୱାଜ କହିଛନ୍ତି ଆଜି ଯଦି ଦେଶରେ ଓ ରାଜ୍ୟରେ କରୋନା ପରିସ୍ଥିତି ଅନିୟନ୍ତ୍ରିତ ହୋଇଥାଏ ଏବଂ ମୃତ୍ୟୁ ସଂଖ୍ୟା ବଢ଼ିଚାଲିଥାଏ ସେଥିପାଇଁ ଉଭୟ ମୋଦି ଓ ନବୀନ ଦାୟୀ । ଯଦି ପେଟ୍ରୋଲ ଓ ଡିଜେଲ ଟିକସରେ କରୋନା ଟୀକା ଦିଆଯାଉଛି ତେବେ ଏ ଦୁହେଁ ଫଟୋ ଲଗାଇବା ପାଇଁ ବ୍ୟଗ୍ର କାହିଁକି ? ଯଦି ଟୀକାକରଣ ରେ ଏମାନଙ୍କର ଫଟୋ ରହିବ ତେବେ କରୋନା ନିୟନ୍ତ୍ରଣରେ ବିଫଳାତା ପାଇଁ ଏମାନେ ଦାୟୀ ଏବଂ ବ୍ୟାପକ କରୋନା ମୃତ୍ୟୁ ପାଇଁ ଏମାନେ ମଧ୍ୟ ଦାୟୀ, ତେବେ ସାରା ରାଜ୍ୟ ଓ ଦେଶରେ ଥିବା ବିଭିନ୍ନ ମଶାଣିରେ ଏମାନଙ୍କର ଫଟୋ କାହିଁକି ନ ରହିବ । ଯଦି ଟୀକା ତୁମର, ମଶାଣିର ଭୟଙ୍କର ପରିସ୍ଥିତି ପାଇଁ ନିଜକୁ ଦାୟୀ କରୁନ କାହିଁକି ? ଏଣୁ ସତ୍ୟନଗର ମଶାଣିରେ ଛାତ୍ର କଂଗ୍ରେସ ପକ୍ଷରୁ ନବୀନ ପଟ୍ଟନାୟକ ଏବଂ ମୋଦିଙ୍କର ଫଟୋ ସ୍ଥାପନ କରାଗଲା ଏବଂ ଆଗାମୀ ଦିନରେ ଦୁଇଟି ମୂର୍ତି ସ୍ଥାପନ କରିବାପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ବିଭିନ୍ନ ଟୀକା କରଣ କେନ୍ଦ୍ରରେ ବିଜେପିର ନେତାମାନେ ଯେଉଁ ଆତଙ୍କ ସୃଷ୍ଟି କରିଛନ୍ତି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଯେଉଁ ଫଟୋ ମରାଯାଉଛି ଉଭୟ ଘଟଣାକୁ ସାଧାରଣ ଲୋକ ନିନ୍ଦା କରୁଛନ୍ତି । ଏହି କାର୍ଯ୍ୟକ୍ରମରେ ଆଦିତ୍ୟ ପ୍ରିତମ, ସୁନୀଲ ମାଟିଆ, ଅଖିଲେଶ ଯାଦବ, ମହମ୍ମଦ ଗୁଲ୍‌ଫାମ, ଅବିନାଶ ନନ୍ଦ, ବାବୁ ଜେନା, ବିଶ୍ୱଭୂଷଣ ମହାପାତ୍ର, କାର୍ତିକ କାଣ୍ଡି, ରଣଜିତ ସେନାପତି, ହରପ୍ରସାଦ ବେହେରା, ଆଦିତ୍ୟ କହଁର,ରାଜେଶ ଦାସ, ଅଜିତ ବାରିକ, ମହମ୍ମଦ ସମିଉଲ, ସୁନୀଲ କୁମାର ସାହୁ, ଚନ୍ଦନ ସାହୁ, ଦେବ ପ୍ରସାଦ ନାୟକ, ଅସୀତ ମିଶ୍ର, ସୟଦ ଆଜମ ଅଲ୍ଲି, ସନ୍ଦିପ ରାଉତରାୟ, ପ୍ରତ୍ୟୁଷ ରଜ ପ୍ରଧାନ, ଶିବଶକ୍ତି ଦିଗଲ, ଅହମ୍ମଦ ଖାନ, ରାଜେଶ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray